ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक

Vol.26 . No.294 Bhubaneswar Wednesday January 10 2024 | ୨୬ତମ ବର୍ଷ ସଂଖ୍ୟା-୨୯୪ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବିଜେଡିରେ କୋଣଠେସା ପରେ ଅମିତ୍ ଶାହଙ୍କୁ ଭେଟିଲେ ଭର୍ତ୍ତୃହରି, ପରବର୍ତ୍ତୀ ପଦକ୍ଷେପକୁ ନେଇ ଚର୍ଚ୍ଚା



ଭୁବନେଶ୍ୱର,୯।୧(ପି.ଏନ): ବିଜେଡିରେ ଦୀର୍ଘଦିନ ଧରି କୋଣଠେସା ହୋଇ ରହିଥିବା ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କ ପରବର୍ତ୍ତୀ ରାଜନୀତିକ ପଦକ୍ଷେପକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଚାଣକ୍ୟ ଅମିତ୍ ଶାହଙ୍କୁ ତାଙ୍କ ବାସଭବନରେ ସେ ଭେଟିଥିବା ଜଣାପଡିଛି । ଏହି ଭେଟଘାଟକୁ ନେଇ ରାଜ୍ୟ ରାଜନୀତିରେ ମଧ୍ୟ ନୂଆ ସମୀକରଣ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । କଟକ ସଂସଦୀୟ କ୍ଷେତ୍ରରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେପି ପ୍ରାର୍ଥୀ କରିବାର ସମ୍ଭାବନା ଥିବାରୁ ଭର୍ତ୍ତୃହରିଙ୍କ ମାଧ୍ୟମରେ ଦଳର ଶୀର୍ଷ ନେତୃତ୍ୱ ଏବେ ବୈଷ୍ଣବଙ୍କ ଜିତିବାକୁ ସୁନିଶ୍ଚିତ କରିବା ନିମନ୍ତେ ମାର୍ଗ ପ୍ରଶସ୍ତ କରୁଥିବା ଜଣାପଡିଛି । ରାଜନୀତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ,ଭର୍ତ୍ତୃହରିଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଟିକେଟ୍ ଦେଇନପାରେ । ଯଦିଓ ୨୦୧୯ ମସିହାରେ ବିଜେଡି ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ଟିକେଟ୍ ଦେଇଥିଲା । ମାତ୍ର ଏଥର ଦଳ ଭର୍ତ୍ତୃହରିଙ୍କ ବଦଳରେ ଜଣେ ଡାକ୍ତରଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ କରିବାର ସମ୍ଭାବନା ଥିବାରୁ ସୁଚିନ୍ତିତ ଢଙ୍ଗରେ ଭର୍ତ୍ତୃହରିଙ୍କୁ କୋଣଠେସା କରୁଥିବା ଜଣାପଡିଛି ।




# ଭିଜିଲାନ୍ସ ଜାଲରେ ଏମଭିଆଇ, ଏକକାଳୀନ ୭ଟି ଘର ଉପରେ ଚାଲିଛି ଚଢ଼ାଉ




ଭୁବନେଶ୍ୱର,୯।୧(ପି.ଏନ): ଆୟ ବର୍ହିଭୂତ ସମ୍ପତ୍ତିର ମାଲିକାନା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ ପଞ୍ଚାନନ ବେହେରାଙ୍କ ଏକକାଳୀନ ୭ଟି ଘର ଉପରେ ଚଢ଼ାଉ ଚାଲିଛି । ଭୁବନେଶ୍ୱର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଛି ।ଏନେଇ ଭିଜିଲାନ୍ସ କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି ହୋଇଥିଲା । ଚଢ଼ାଉରେ ୬ ଡିଏସପି, ୩ ଇନ୍ସପେକ୍ଟର, ୮ ଏଏସଆଇ ଏବଂ ଅନ୍ୟ କର୍ମଚାରୀଙ୍କ ସାମିଲ ହୋଇଛନ୍ତି । ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୨ୟ ମହଲା ବିଶିଷ୍ଟ ଭୁବନେଶ୍ୱର ଶୈଳଶ୍ରୀ ବିହାର, ପାଣ୍ଡରାର ୨ଟି ଘର, ନୟାଗଡ଼ର ଓଡ଼ଗାଁ ରାସ୍ତାର ଭଡା ଘର, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ ଅଫିସ, କଟକ ଜିଲା ବାଲିଆପଡା, ଖୋର୍ଦ୍ଧାର ଗୋବିନ୍ଦପୁର ଘର ଉପରେ ଚଢ଼ାଉ ଚାଲିଛି ।

# କଲେଜ କ୍ୟାମ୍ପସ ହେବ ନିଶାମୁକ୍ତ; ଅଧ୍ୟାପକ ଓ ଅଧ୍ୟାପିକା ଦେବେ ଆଣ୍ଟି ଡ୍ରଗ୍ ଡିକ୍ଲାରେସନ



ଭୁବନେଶ୍ୱର,୯।୧(ପି.ଏନ): କଲେଜ କ୍ୟାମ୍ପସ ହେବ ସମ୍ପୂର୍ଣ୍ଣ ନିଶା ମୁକ୍ତ। କେବଳ ଛାତ୍ରଛାତ୍ରୀ ନୁହେଁ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଏଣିକି ଦାଖଲ କରିବେ ଆଣ୍ଟି ଡ୍ରଗ୍ ଡିକ୍ଲାରେସନ୍। ବିଧାନସଭା ଷ୍ଟାଣ୍ଡିଂ କମିଟି ଏହି ସୁପାରିଶ କରିଛି। ଏନେଇ ସୂଚନା ଦେଇଛନ୍ତି ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂହ। ଏହି ନିଷ୍ପତ୍ତିକୁ ୬୬୨ କଲେଜ ଅଧ୍ୟକ୍ଷ ସଂଘ ସ୍ୱାଗତ କରିଛି। ଆଜି ବିଧାନସଭାରେ ବସିଥିଲା ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ। ଏଥିରେ କଲେଜ କ୍ୟାମ୍ପସକୁ ନିଶା ମୁକ୍ତ କରିବା ପାଇଁ ସୁପାରିଶ କରାଯାଇଥିଲା। ରାଜ୍ୟର ସବୁ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ବିଶ୍ୱବିଦ୍ୟାଳୟରେ ଏହି ନିୟମ ଲାଗୁ କରାଯିବ। କିଛି ଦିନ ତଳେ ଟଏଉ ଛାତ୍ରଛାତ୍ରୀଙ୍କୁ Anti Drug Declaration ଦେବାଲାଗି ଦେଶର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଚିଠି ଲେଖିଥିଲା। ଯାହାକୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ଏବେ ନୂଆ ନିୟମ ଅନୁସାରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ଆଣ୍ଟି ଡ୍ରଗ ଡିକ୍ଲାରେସନ ଦେବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିଶ କରିଛି। ଏହାଦ୍ୱାରା କଲେଜ ବା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଶା ମୁକ୍ତ ହୋଇପାରିବ।

# ରକ୍ତଛିଟା, ଚତୁର କ୍ୟାବ ଡ୍ରାଇଭର: କେମିତି ଧରାପଡିଲେ ପୁଅ ହତ୍ୟାକାରୀ ସୂଚନା ସେଠ୍?

ନୂଆଦିଲ୍ଲୀ,୯।୧(ପି.ଏନ): ନିଜର ୪ ବର୍ଷର ପୁଅକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ସୂଚନା ସେଠ୍ ଏବେ ପୁଲିସ୍ ପଞ୍ଝାରେ। ସେ ଗୋଆରେ ପୁଅକୁ ହତ୍ୟା କରି ବ୍ୟାଗରେ ଭର୍ତ୍ତି କରି ବେଙ୍ଗାଲୁରୁ ଯାଉଥିଲେ। ତେବେ ଅଧା ବାଟରେ ଅର୍ଥାତ ୪୦୦ କିମି ବାଟ ଅତିକ୍ରମ କରିବା ପରେ ଧରାପଡିଛନ୍ତି। କିନ୍ତୁ ସେ ଏତେ ବାଟ ଯାତ୍ରା କରିଥିଲେ ମଧ୍ୟ ହତ୍ୟା ସମ୍ପର୍କରେ କେହି ବି ଟିକିଏ ସୂଚନା ପାଇ ନଥିଲେ। ବେଙ୍ଗାଲୁରୁଠାରୁ ୨୦୦ କିମି ଦୂରରେ ସୂଚନାଙ୍କ ସବୁ ଖେଳ ଶେଷ ହୋଇଛି। ସେ ଏବେ ପୁଲିସ୍ ପଞ୍ଝାରେ ପଡିଛନ୍ତି। ତେବେ ରକ୍ତଛିଟା, ସତର୍କ ହୋଟେଲ କର୍ମଚାରୀ, ତଥ୍ୟ ରଖିଥିବା ପୁଲିସ୍ ଓ ଚାପ ସମୟରେ ଆଦୌ ବିଚଳିତ ହୋଇ ନଥିବା କ୍ୟାବ ଡ୍ରାଇଭରଙ୍କୁ ଯୋଗୁ ସୂଚନା ଧରା ପଡିଛନ୍ତି। ସୂଚନା ହେଉଛନ୍ତି ବେଙ୍ଗାଲୁରୁରେ ଥିବା ଗୋଟିଏ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟ ଅପ୍ କମ୍ପାନୀର ଏଆଇ ଲ୍ୟାବର ସହ-ପ୍ରତିଷ୍ଠାତା ତଥା ସିଇଓ।

# ପାହାଡ ଉପରେ ଖୋଲିଛି ପୋଷ୍ଟ ଅଫିସ୍ ! ଚାଲିଛି ଡିଜିଟାଲ୍ ସେବା



ଭୁବନେଶ୍ୱର,୯।୧(ପି.ଏନ): ପାହାଡ ଉପରେ ଖୋଲିଛି ପୋଷ୍ଟ ଅଫିସ୍! ଆଉ ଚାଲିଛି ଡିଜିଟାଲ୍ ଡାକ ସେବା! ଅନ୍‌ଲାଇନ୍‌ରେ ଡିପୋଜିଟ୍, ରେଜିଷ୍ଟ୍ରି ଡାକର ସ୍କାନ୍ ଆଦି ହେଉଛି। ଦୀର୍ଘ ୪୩ ବର୍ଷ ଧରି ସେଠାରେ ଏମିତି ଚାଲିଛି ଡାକ ସେବା। ଆଉ ସେହି ସେବା ଯୋଗାଉଛନ୍ତି ପୋଷ୍ଟ ମାଷ୍ଟର ସୁଦର୍ଶନ ମିଶ୍ର। ୬୩ ବର୍ଷରେ ମଧ୍ୟ ସେ ଚଳଚଞ୍ଚଳ। ଏହି ବୟସରେ ଡାକ ବିଭାଗର ନୂତନ ଜ୍ଞାନ କୌଶଳକୁ ସଦ୍ ବିନିଯୋଗ କରି ଲୋକଙ୍କୁ ଯୋଗାଉଛନ୍ତି ସେବା। ସେଥିପାଇଁ ଦୁଇ ଥର ଡାକ ବିଭାଗ ପାଖରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଡାକକୁ ନେଇ ଏମିତି ଏକ ଭଲ ଖବର ଆସିଛି ଗଜପତି ଜିଲ୍ଲାରୁ। ଆର.ଉଦୟଗିରି ବ୍ଲକ୍ ଦୁର୍ଗମ ଛେଲାଗଡ ଗାଁ। ଏହି ଗାଁରେ ୧୯୮୦ ମସିହାରେ ଡାକ ବିଭାଗ ପକ୍ଷରୁ ପୋଷ୍ଟ ଅଫିସ୍ ଖୋଲା ଯାଇଥିଲା। ଆଉ ଶାଖା ପରିଚାଳକ ଭାବେ ସୁଦର୍ଶନ ମିଶ୍ର ନିଯୁକ୍ତି ପାଇଥିଲେ। ସେତେବେଳେ ସେ ୧୦୧ ଟଙ୍କା ୫୦ ପଇସା ଦରମା ପାଉଥିଲେ। ଏହା ଭିତରେ ବିତି ଗଲାଣି ୪୩ ବର୍ଷ। ବଦଳି ଗଲାଣି ଭାରତୀୟ ଡାକ କଳେବର। ଦିନେ ଯେଉଁ ଡାକ ଚିଠିପତ୍ର ଦେବାନେବା, ମନ ଅର୍ଡର ପରି କିଛି ସେବାର ମାଧ୍ୟମ ସାଜିଥିଲା, ଆଜି ସିଏ ବଢ଼ାଇଛି ନିଜର କଳେବର। ଖାଲି କଳେବର ବଢ଼ାଇନାହିଁ, ସମୟ ସହିତ ତାଳ ଦେଇ ବଦଳିଛି ଡାକ। ଆପଣାଇଛି ନୂତନ ଜ୍ଞାନ କୌଶଳକୁ। ଠିକ୍ ସେମିତି ମିଶ୍ରବାବୁ ନିଜକୁ ବଦଳାଇଛନ୍ତି। ଆଉ ଡାକ ସେବାର ସବୁ ଆହ୍ୱାନକୁ ସାଦରେ ଗ୍ରହଣ କରିଛନ୍ତି।

# ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପକୁ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧(ପି.ଏନ): ରୂପାନ୍ତର ଯାତ୍ରାରେ ଆଉ ଏକ ପାଦ ଆଗେଇଲା ମାଲକାନଗିରି । ଆକାଶ ପଥରେ ଯୋଡି ହୋଇ ଇତିହାସ ରଚିଲା ମାଲକାନଗିରି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମାଲକାନଗିରିରେ ଏକ ବିମାନ ବନ୍ଦର ଉଦ୍ ?ଘାଟନ କରିଛନ୍ତି। ଏହା ଦ୍ୱାରା ମାଲକାନଗିରି ସ୍ୱପ୍ନ ପୁରଣ ହୋଇଛି। ମାଲକାନଗିରି ଆକାଶପଥ ମାନଚିତ୍ର ରେ ସ୍ଥାନିତ ହୋଇଛି। ଏହା ଦ୍ୱାରା ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ ଯେ ପୂର୍ବରୁ କୋରାପୁଟର ଜୟପୁର, କଳାହାଣ୍ଡିର ଉତ୍ ?କେଲା, ରାଉରକେଲା, ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ବିମାନବନ୍ଦର ସ୍ଥାପନ କରାଯାଇଛି। ଏହା ପରେ ଆଜି ମାଲକାନଗିରିକୁ ମଧ୍ୟ ଆକାଶପଥରେ ସଂଯୋଗ କରାଯିବାପରେ ସାରା ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳଗୁଡିକରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ଓଡିଶାରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହା ଖୁବ୍ ? ଗୁରୁତ୍ୱପୂର୍ଣ୍ଣ। ମାଲକାନଗିରି ବିମାନ ବନ୍ଦର ୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ ଏବଂ ଏଥିରେ ୧୬୨୦ ମିଟର ଦୀର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ରନୱେ ନିର୍ମାଣ କରାଯାଇଛି। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଉଦ୍ ?ଘାଟନ ସମୟରେ ମୁଖମନ୍ତ୍ରୀଙ୍କ ସହିତ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ ଭି କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ଏହା ସହ ଆଜି ମାଲକାନଗିରି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୪୦୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

## ମାଲକାନଗିରି ବିମାନ ବନ୍ଦର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ମାଲକାନଗିରି,୯।୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମାଲକାନଗିରିରେ ଏକ ବିମାନ ବନ୍ଦର ଉଦ୍ ?ଘାଟନ କରିଛନ୍ତି। ଏହା ଦ୍ୱାରା ମାଲକାନଗିରି ସ୍ୱପ୍ନ ପୁରଣ ହୋଇଛି। ମାଲକାନଗିରି ଆକାଶପଥ ମାନଚିତ୍ର ରେ ସ୍ଥାନିତ ହୋଇଛି। ଏହା ଦ୍ୱାରା ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ୟୁଏଇ ରାଷ୍ଟ୍ରପତିଙ୍କୁ ସାଙ୍ଗରେ ଧରି ରୋଡ ଶୋ’ କଲେ ମୋଦି



ନୂଆଦିଲ୍ଲୀ,୯।୧(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନ ଆଜି ଗୁଜରାଟର ଅହମଦାବାଦରେ ବିଶାଳ ରୋଡ ଶୋ’ କରିଛନ୍ତି। ରୋଡ ଶୋ’ ପୂର୍ବରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ଏୟାରପୋର୍ଟରେ ମୋଦି ରାଷ୍ଟ୍ରପତି ଜାୟେଦଙ୍କୁ ସ୍ୱାଗତ କରିଥିଲେ। ଏୟାରପୋର୍ଟରେ ସ୍ୱାଗତ କରିବା ପରେ ଦୁଇ ନେତା ରୋଡ ଶୋ’ରେ ବାହାରି ଯାଇଥିଲେ। ଏୟାରପୋର୍ଟରୁ ୩ କିମି ଯାଏ ଉଭୟ ନେତା ରୋଡ ଶୋ’ କରିଛନ୍ତି। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଇନ୍ଦ୍ରା ବ୍ରିଜ ଦେଇ ରୋଡ ଶୋ’ ଶେଷ ହେବା ପରେ ଉଭୟ ଗାନ୍ଧିନଗର ଯାଇଥିଲେ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।



## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।





## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭ୍ରାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।



## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଜାନୁଆରୀ ୧୦

# ଜୀବନର ଲକ୍ଷ୍ୟ : ଈଶ୍ୱର ପ୍ରାପ୍ତି



ସୌର ଚନ୍ଦ୍ର ମହାପାତ୍ର

ନୈତିକତା ଏବଂ ଇନ୍ଦ୍ରିୟସଂଯମ ଏ ଦୁଇଟି ସ୍ଥିତି ଆଖି ବୁଜି ଦେଇ ଯିଏ ଜୀବନ ଧାରଣ କରିବ ସେ ଭକ୍ତ ହୋଇଥିଲେ ବି ଭ୍ରମ ଓ ଅଜ୍ଞାନରେ ବୁଡ଼ି ରହିଥିବ। ଦୀପ ନହେଲେ ଯେ ଅନ୍ଧକାର ଦୂର ହେବ ନାହିଁ, ଏହା ସମସ୍ତଙ୍କୁ ଗୋଚର। ଆମେ ସମସ୍ତେ ସଂସାର ରୂପକ ରଙ୍ଗମଞ୍ଚରେ ନାନା ଭୂମିକାରେ ଅଭିନୟ କରୁଛେ, ଚଉରାଅଶୀ ଲକ୍ଷ ଜୀବ ମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହା କରୁଛନ୍ତି, ମାତ୍ର ଏକା ମନୁଷ୍ୟ ଈଶ୍ୱରଙ୍କ ଅନୁଗ୍ରହ ପାଇବା ପାଇଁ ନାନା ପ୍ରକାରେ ଉଦ୍ୟମ କରୁଛି। ଈଶ୍ୱରଙ୍କୁ ତୃପ୍ତ କରି ତାଙ୍କର ଅନୁଗ୍ରହଭାଜନ ହେବା ପାଇଁ ଆମ୍ଭେମାନେ ନାନା ଉପାୟ ଅବଲମ୍ବନ କରୁଛୁ। ମାତ୍ର ସଂସାର ରଙ୍ଗମଞ୍ଚରେ ଭଗବାନଙ୍କ ଦିବ୍ୟ ମାର୍ଗ ନିର୍ଦ୍ଦେଶିତ ନିର୍ଦ୍ଦେଶନା ବିନା ସବୁ ତୁଚ୍ଛ।

ସାଧାରଣ ଜୀବନର ଛୋଟିଆ କଥାଟି ଉପସ୍ଥାପନ କରୁଛି ଯାହା ସମସ୍ତେ ବୁଝିପାରିବେ। ମୁଣ୍ଡରେ ଓଜନିଆ ବୋଝ ବୋହୁଥିବା ଲୋକ ତରତର ହୋଇ ବାଟ ଚାଲେ, କାରଣ ଘରେ ପହଞ୍ଚିଲେ ସେ ବୋଝରୁ ମୁକ୍ତ ହେବ। ଅଫିସକୁ ଯାଉଥିବା କର୍ମଚାରୀ ବିଚାରୁଥାଏ କେତେବେଳେ ୫ଟା ବାଜିବ, ସେ ଘରକୁ ଯିବ। ଗାଡ଼ି, ମଟର ବା ଟ୍ରେନରେ ଯାଉଥିବା ଯାତ୍ରୀ ମଧ୍ୟ ଉତ୍କଣ୍ଠିତ ହୋଇ ଚାହିଁଥାଏ କେବେ ଯାତ୍ରା ସରିବ, ସେ ଲକ୍ଷ୍ୟଠାରେ ପହଞ୍ଚିବ। ମାତ୍ର ଅସଂଖ୍ୟ ଜନ୍ମ ଭିତରେ ଘୁରି ଘୁରି ମଧ୍ୟ ମଣିଷ ପଚାରୁ ନାହିଁ ସେ କେବେ ଜୀବନର ଲକ୍ଷ୍ୟ ଈଶ୍ୱରଙ୍କଠାରେ ପହଞ୍ଚିବ। ଆଜିକାଲି ମଣିଷର ଅବସର ସମୟ ବଢ଼ାଇବା ପାଇଁ ଯେତେ ଚେଷ୍ଟା କରାଯାଉଛି, ମନର ଶାନ୍ତି ବଢ଼ାଇବା ପାଇଁ ସେତେ ଚେଷ୍ଟା କରାଯାଉନାହିଁ। ମନର ଶାନ୍ତି ନଥିଲେ ଅବସର ଅଧିକ ପାଇଲେ ମଧ୍ୟ କ'ଣ ଆମେ ତୃପ୍ତ ହୋଇପାରିବା? ଜଣେ ଜ୍ଞାନୀ ଦିନର ଚବିଶ ଘଣ୍ଟା କାମ କଲେ ମଧ୍ୟ ଅଚିନ୍ତିତ ପ୍ରଶାନ୍ତ ରହିଥିବ। ମାତ୍ର ଜଣେ ଅଜ୍ଞ ଲୋକ ସାରା ଦିନ କିଛି କାମ ନକରି ଆରାମ କଲେ ବି ବ୍ୟସ୍ତ ବିବ୍ରତ ରହିବ। ପୃଥିବୀରେ ଶାନ୍ତି ନପାଇ ମଣିଷ ଚନ୍ଦ୍ରଲୋକକୁ ଗଲାଣି। କେବଳ ସେତିକି ନୁହେଁ ଚନ୍ଦ୍ରପୃଷ୍ଠରେ ଲୋକେ ଜାଗା ବାଡ଼ି କିଣିବାକୁ ବାହାରିଲେଣି। ଚନ୍ଦ୍ରରେ ଶରୀର ଶୀତ ରହିଲେ ମଧ୍ୟ ମନ ଭୟାତୁର ରହିବ। ପୃଥିବୀରେ ଯେଉଁ ଶାନ୍ତି ମିଳିଲା ନାହିଁ, ତାହା କଣ ଚନ୍ଦ୍ରପୃଷ୍ଠରେ ମିଳିବ? ଏସବୁ ସ୍ଥାନ ମାନଙ୍କରେ ଶାନ୍ତି ନାହିଁ। ଶାନ୍ତି ଅଛି ଆମ ମାନଙ୍କ ହୃଦୟ ଭିତରେ। ନିଜର ହୃଦୟ ବାହାରେ ଶାନ୍ତି ଖୋଜିବା କେବଳ ମହାଭ୍ରମ। କୌଣସି ପଦାର୍ଥକୁ ଗୋଟାଏ ମନୋହର ସୁନ୍ଦର ନାମ ଦେଇଦେଲେ ସେ ବସ୍ତୁଟିର ସ୍ୱଭାବରେ ପରିବର୍ତ୍ତନ ଆସିଯିବ, ନା ତାର ପ୍ରକୃତ ରୂପ ସବୁଦିନ ପାଇଁ ବଦଳିଯିବ? ସେପରି ବସ୍ତୁଟିଏ ଦେଖିଲେ ଆମେ ବୁଝିଯିବା, ଏହାର ମୂଲ୍ୟ କିଛି ନାହିଁ। ଚନ୍ଦ୍ରରେ ଯାଇ ପହଞ୍ଚିବାକୁ ମଣିଷ ଯେତେ ବଡ଼ ବୋଲି କହିଲେ ମଧ୍ୟ ବାସ୍ତବରେ ଦେଖିବ ଏପରି ଏକ ଅଭିଯାନ ପ୍ରକୃତରେ ନିରର୍ଥକ। କେବଳ ନାମଟି ବଡ଼। ଏଥିରେ ଯେଉଁ କୋଟି କୋଟି ଡଲାର ଖର୍ଚ୍ଚ ହେଉଛି ତାକୁ ପୃଥିବୀର ନିଃସହାୟ ଲୋକଙ୍କ ପାଇଁ ଖର୍ଚ୍ଚ କଲେ କେତେ ସୁନ୍ଦର ହୁଅନ୍ତା। ସଂସାରରେ ଆମେ ସମସ୍ତେ ଶାନ୍ତି ଚାହୁଁ। ସେଥିପାଇଁ ଆମେ ନାନା କର୍ମ କରିଥାଉ। ଯେଉଁ ହୃଦୟରେ ଧର୍ମ ନିବାସ କରେ, ସେଠାରେ ଅନେକ ଉତ୍ତମ ଗୁଣ ରହିବ, ଯେଉଁଠି ଉତ୍ତମ ଗୁଣ ଅଛି, ସେଠାରେ ବୁଝାମଣା ରହିବ, ଯେଉଁଠି ବୁଝାମଣା ଅଛି, ସେଠାରେ ଉତ୍ତମ ଗୁଣ ଅଛି, ସେଠାରେ ଶୃଙ୍ଖଳା ରହିବ, ଯେଉଁଠି ସଂଯମ ଓ ଶୃଙ୍ଖଳା ବିଦ୍ୟମାନ, ସେଠାରେ ଶାନ୍ତି। ସେଥିପାଇଁ ଶାନ୍ତି ନିର୍ଭର କରେ ବ୍ୟକ୍ତିର ଗୁଣ ଉପରେ। ସଦାଚାର ଓ ସଦଗୁଣ ହିଁ ଆତ୍ମସାକ୍ଷାତକାର ମାର୍ଗ। ଇନ୍ଦ୍ରିୟ ମାନଙ୍କୁ ସନ୍ତୁଷ୍ଟ କରିବା, ସଂସାରିକ ବସ୍ତୁ ଆହରଣ କରିବା ଓ ଭୌତିକ ସମ୍ପତ୍ତି ସଂଗ୍ରହ କରିବା ପାଇଁ ପ୍ରଲୋଭନକୁ ଦମନ କରିବା ଉଚିତ। ଆମ୍ଭମାନଙ୍କର କାମନାର ସୀମାଙ୍କନ ପାଇଁ ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଅନେକ ମାର୍ଗ ଦର୍ଶନ କରିଛନ୍ତି। ଆଧ୍ୟାତ୍ମିକ ଜୀବନରେ ଆମ୍ଭମାନଙ୍କର ଦିବ୍ୟ ଜୀବନ ପାଇଁ ଯେଉଁ ଚାରୋଟି ଶ୍ରେଷ୍ଠ ଯୋଗ ସମ୍ବନ୍ଧରେ ଶ୍ରୀସାଇ ଦିବ୍ୟ ଉପଦେଶାବଳୀରେ ମାର୍ଗ ଦର୍ଶନ କରିଛନ୍ତି ତାହାହେଲା, ଭକ୍ତି, ଜ୍ଞାନ, କର୍ମ ଓ ରାଜ - ଏ ଚାରି ଯୋଗ ମଧ୍ୟରୁ କାହାର ଉପଯୁକ୍ତତା ବିଷୟରେ ବିବାଦ ଅନାବଶ୍ୟକ, କାରଣ ଚାରୋଟି ଯାକ ଆବଶ୍ୟକ ଏବଂ ଚରମ ବିଜୟ ପାଇଁ ଚାରୋଟିଯାକର ଅବଦାନ ରହିଛି। କର୍ମଯୋଗ ହେଉଛି ମାଟି ଦୀପ, ଭକ୍ତିଯୋଗ ସେଥିରେ ଥିବା ତେଲ, ରାଜଯୋଗ ହେଉଛି ବଳିତା ଜ୍ଞାନଯୋଗ ହେଉଛି ଆଲୋକ। ସତକର୍ମ ଭକ୍ତି ଓ ଉତ୍ସର୍ଗ ସବୁ ଜୀବ ଠାରେ ଭଗବାନଙ୍କ ଦର୍ଶନ, ସବୁ ଘଟଣାରେ ଭଗବାନଙ୍କ ହସ୍ତର ଦର୍ଶନ ଆଡ଼କୁ ଘେନି ଯାଏ ଏବଂ ଏହା ଉପାସନା ଆଡ଼କୁ ନେଇଯାଏ। ଉପାସନା ଫଳରେ ପ୍ରାଣାୟାମ ଓ ଏକାଗ୍ରତ, ସବୁ ଆପେ ଆପେ ଠିକ ହୋଇଯାଏ। ଆଉ ଏହି ସାଧନାର ଚରମ ସୀମା ଭାବରେ ଆତ୍ମ ପୂର୍ଣ୍ଣ ଦୀପ୍ତିରେ ପ୍ରକଟ ହୁଏ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ପ୍ରଗତିର ନବୀନ ଓଡ଼ିଶା ଓ ନବୀନ ଗ୍ୟାରେଣ୍ଟି



ବାଦଲ ଭୂୟାଁ

ଆଉ କେଇମାସ ପରେ ସାଧାରଣ ଓ ବିଧାନସଭା ନିର୍ବାଚନ। ଏହି ପରିପ୍ରେକ୍ଷୀରେ ରାଜ୍ୟ ରାଜନୀତିରେ ଆରମ୍ଭ ହୋଇଛି ହଲଚଲ। ଶାସକ ବିଜେଡ଼ି ଓ ଦୁଇ ପ୍ରମୁଖ ବିରୋଧୀ କଂଗ୍ରେସ ଓ ବିଜେପି ନିଜ ନିଜ ସାଙ୍ଗଠନିକ ଗତିବିଧି ତ୍ୱରାନ୍ୱିତ କରିବା ଆରମ୍ଭ କରିଛନ୍ତି। ମାତ୍ର ନିର୍ବାଚନ ବିଜୟର ନକ୍ସା ପ୍ରସ୍ତୁତିରେ ବିରୋଧୀଙ୍କ ଠାରୁ ଶହେ କୋଶ ଆଗରେ ପହଞ୍ଚିଛି ବିଜେଡ଼ି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଜିଲ୍ଲାଗସ୍ତ ଆରମ୍ଭ କରିଥିବା ବେଳେ ରାଜ୍ୟବ୍ୟାପୀ ବିଜେଡ଼ି ନିଜ ସପକ୍ଷରେ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଆପାତତଃ ସଫଳ ହୋଇ ସାରିଛି। ବିଜେଡ଼ି ନେତା ତଥା ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟବ୍ୟାପି ଘନ ଘନ ଗସ୍ତ କରି ଦଳକୁ ଏକ ମହାବିଜୟ ଦେବାକୁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ପାଇଥିବା ୧୨ କୋଟିରୁ ଊର୍ଦ୍ଧ୍ୱର ଭୋଟକୁ ଦେଢ଼ କୋଟିରେ ପହଞ୍ଚାଇବା ପାଇଁ ଦଳ ନିଜକୁ ପ୍ରସ୍ତୁତ କରୁଛି। ପଦଯାତ୍ରା, ଜନସମ୍ପର୍କ, କର୍ମୀ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ଅଧିକ ନିକଟତର ହୋଇଛି ଦଳ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁଖଦୁଃଖରେ ସାଥୀ ହେବାକୁ ନବୀନ ମନ୍ତ୍ରକୁ କର୍ମୀ ଓ କର୍ମକର୍ତ୍ତାମାନେ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଏପଟେ ୫ଟି ଅଧ୍ୟକ୍ଷ ବିଭିନ୍ନ ଜିଲ୍ଲା ଗସ୍ତ କରି ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ସମସ୍ୟାର ତ୍ୱରିତ ସମାଧାନ କରୁଛନ୍ତି। ଫଳରେ ବିଜେଡ଼ି ଏବେ ନିର୍ବାଚନୀ ପ୍ରସ୍ତୁତିରେ ବିରୋଧୀଙ୍କ ଠାରୁ ଶହେ କୋଶ ଆଗରେ ରହିଛି। ଏପଟେ ସମଗ୍ର ରାଜ୍ୟର ରୂପାନ୍ତରଣ, ପରିକ୍ରମା ପ୍ରକଳ୍ପ, ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ଛୁଇଁବାକୁ ସକ୍ଷମ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର ଜନସାଧାରଣଙ୍କ ପାଇଁ ସଞ୍ଜିବନୀ ସଦୃଶ ହୋଇଛି। ଏହି କ୍ରମରେ ନବୀନ କାଡର ଲୋକ ପାଇଁ ବରଦାନ ପାଲଟିଛି। ସ୍ୱାସ୍ଥ୍ୟସେବା ପାଇଁ ନବୀନ ଗ୍ୟାରେଣ୍ଟି ବିଜେଡ଼ିକୁ ସ୍ପଷ୍ଟ ଓ ବିଶାଳ ବିଜୟକୁ ଏକ ପ୍ରକାର ସୁନିଶ୍ଚିତ କରିଛି।

ବିଭିନ୍ନ ସମୟରେ ବିଭିନ୍ନ ସଂସ୍ଥା, ପରିଷଦ, ମନ୍ତ୍ରଣାଳୟ ନିତି ଆୟୋଗ ଆଦି ପକ୍ଷରୁ ପ୍ରକାଶ ପାଉଥିବା ଅର୍ଥନୈତିକ ରିପୋର୍ଟ ଅନୁଯାୟୀ ୨୦୧୬ରୁ ୨୦୨୨ ମଧ୍ୟରେ ଓଡ଼ିଶାର ସାମଗ୍ରିକ ଘରୋଇ ଉତ୍ପାଦନ ବୃଦ୍ଧି ହାର ଦ୍ୱିଗୁଣା ହୋଇପାରିଛି। ସୂଚନାଯୋଗ୍ୟ ଏହି ଛଅବର୍ଷର ସମୟ ମଧ୍ୟରୁ ପ୍ରାୟ ତିନିବର୍ଷ କାଳ ବିଶ୍ୱ ଅର୍ଥନୀତି କୋଭିଡ଼ ମହାମାରୀ ଜନିତ ଲକଡାଉନ ଓ ସଟଡାଉନ ଯୋଗୁଁ ଗୁରୁତର ପ୍ରଭାବିତ ହୋଇଥିଲା। ଅଥଚ ଓଡ଼ିଶା ସେହି ସଙ୍କଟକୁ ସଫଳତାର ସହ ମୁକାବିଲା କରି ଧନ ଜୀବନ ଅର୍ଥନୈତିକ ଅଭିବୃଦ୍ଧି ଓ ଲୋକଙ୍କ ଜୀବନ ରକ୍ଷାର ଏକ ଉଲ୍ଲେଖନୀୟ ସନ୍ତୁଳନ ବଜାୟ ରଖିପାରିବା କିଛି କମ କଥା ନୁହେଁ। କୋଭିଡ଼ ପ୍ରଭାବିତ ୨୦୨୧-୨୨ରେ ଯେତେବେଳେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ହାର ୮.୭ ପ୍ରତିଶତ ଥିଲା ସେତେବେଳେ ଓଡ଼ିଶାରେ ଏହି ହାର ଥିଲା ୧୧.୫ ପ୍ରତିଶତ। ଏହାପଛରେ ରହିଛି ଓଡ଼ିଶା ସରକାରଙ୍କ ଦ୍ରୁତ ଶିଳ୍ପାୟନ ନୀତି, କାର୍ଯ୍ୟକ୍ରମ ଓ ମେକ ଇନ ଓଡ଼ିଶା କନକ୍ଲେଭର ସଫଳ ଆୟୋଜନ। ୨୦୨୩ର ସଦ୍ୟତମ ରିପୋର୍ଟ ଅନୁସାରେ ଏବେ ଯେଉଁ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟା ଚାଲିଛି, ସେଥିରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି ଗତ କରୋନା କାଳରେ ମଧ୍ୟ ଓଡ଼ିଶା ପୁଞ୍ଜି ନିବେଶ କ୍ଷେତ୍ରରେ ସାରା ଦେଶରେ ସର୍ବଶ୍ରେଷ୍ଠ ରାଜ୍ୟର ମାନ୍ୟତା ହାସଲ କରିପାରିଥିଲା। ଏହାପଛର କାରଣ ଗୁଡ଼ିକ ହେଲା ଇଜ ଅଫ ଡୁଇଙ୍ଗ ବିଜିନେସ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି, ସିଙ୍ଗଲ ଉଇଣ୍ଡୋ କ୍ଲିୟରାନ୍ସ ସିଷ୍ଟମ, ଇ-ଗଭର୍ଣ୍ଣାନ୍ସ, ଏମଏସଏମଇ ପାର୍କର ବିକାଶ, ଶିଳ୍ପ କ୍ଲଷ୍ଟରର ଉନ୍ନତି, ଭିତ୍ତିଭୂମିର ବିକାଶ, ଜିଲ୍ଲାସ୍ତରୀୟ ନିବେଶ ପ୍ରୋତ୍ସାହନ ସଂସ୍ଥାର କାର୍ଯ୍ୟକାରିତା, ପ୍ରକାଣ୍ଡ ଭୂମିବ୍ୟାଙ୍କ ଏବଂ ସ୍ଥିର ଓ କର୍ମପ୍ରବଣ ସରକାର ତଥା ଶାସନ ବ୍ୟବସ୍ଥା।

ସମଗ୍ର ଭାରତରେ ବିଜେଡ଼ି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ପ୍ରତିଷ୍ଠିତ ହୋଇଛି। ତୃଣମୂଳ ସ୍ତରରୁ ଏହା ବେଶ ସଶକ୍ତ ଓ ସୁଦୃଢ଼ ମଧ୍ୟ। ତେବେ ବିଜେଡ଼ିର ସୁପ୍ରିମୋ ନବୀନ ବାବୁହିଁ ଦଳର ସମସ୍ତ ଶକ୍ତିର ଆଧାର ଓ ମୂଳ। ତାଙ୍କରି ଦିଗଦର୍ଶନ ତଥା ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ବିଜେଡ଼ି ଆଜି ମଜଭୁତ ହୋଇପାରିଛି। ତେବେ ବିଜେଡ଼ିର ଏହି ସଶକ୍ତ ଓ ଶକ୍ତିଶାଳୀ ହେବାର ପରଦା ପଛରେ ନୁହେଁ ବରଂ ଆଗଧାଡ଼ିରେ ଯେଉଁମାନେ ମହାରଥୀ ଭାବେ ଏହାକୁ ପରିଚାଳନା କରୁଛନ୍ତି ସେମାନଙ୍କ ଭିତରେ ରହିଛନ୍ତି ସାଙ୍ଗଠନିକ ସୁଦକ୍ଷ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରମୁଖ କର୍ଣ୍ଣଧାର ସଞ୍ଜୟଦାଶବର୍ମା, ଅରୁଣ ସାହୁ ଓ ପ୍ରଦୀପ ଅମାତଙ୍କ ପରି ଦୃଢ଼ ନେତୃତ୍ୱ। ରାଜ୍ୟ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତରାଜ ଓ ଜଙ୍ଗଲ ପରିବେଶ ବିଭାଗରେ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ଅମାତଙ୍କ ବ୍ୟକ୍ତିତ୍ୱ ଓ ଦୂରଦୃଷ୍ଟି ସମ୍ପନ୍ନ ରାଜନୈତିକ ଗୋଟି ଚାଳନା ସମ୍ପର୍କରେ ଅନେକ ହୁଏତ ଜାଣିନଥିବେ। ବିଧାନସଭାର ବାଚସ୍ପତି ପରି ଗୁରୁ ଦାୟିତ୍ୱ ହେଉ ବା କ୍ୟାବିନେଟ ବର୍ଥ ସବୁକିଛି ସେ ଅତି ସୁଚାରୁ ରୂପେ ସମ୍ପାଦନ କରନ୍ତି। ନବୀନ ବାବୁଙ୍କ ପରି ମାର୍ଜିତ ବ୍ୟବହାର, ଅମାୟିକ ବ୍ୟକ୍ତିତ୍ୱ ଓ କଥା କମ କାମ ବେଶି ଏହା ହେଉଛି ତାଙ୍କ ବ୍ୟକ୍ତିଗତ, ସାମାଜିକ ଓ ରାଜନୈତିକ ଦକ୍ଷତାର ସଫଳ ବିଶେଷଣ। ଓଡ଼ିଶା ରାଜନୀତିରେ ପ୍ରଦୀପ ଅମାତଙ୍କ ପରି ନିଷ୍କଳଙ୍କ ବ୍ୟକ୍ତିତ୍ୱ ସମ୍ଭବତଃ କ୍ୱଚିତ ଥିବେ। ଯୁବଶକ୍ତିଙ୍କୁ ଦକ୍ଷତା ବିକାଶରେ ସାମିଲ କରି ଓଡ଼ିଶାକୁ ଯେଉଁ ବିକାଶର ନୂତନ ସୂର୍ଯ୍ୟୋଦୟର ଶିଖରରେ ପହଞ୍ଚାଇଛନ୍ତି ତାହାର ଶ୍ରେୟ ପ୍ରଦୀପ ଅମାତଙ୍କ ପାଖକୁ ଯିବ। ତେବେ ଏ ଦିଗରେ ଓଡ଼ିଶା ସରକାର ବହୁ ଆଗରୁ ସୁଚିନ୍ତିତ ଦୀର୍ଘମିଆଦୀ କାର୍ଯ୍ୟ ଖସଡ଼ା ହାତକୁ ନେଇସାରିଛନ୍ତି। ବିଶ୍ୱରେ ଆହୁରି ତୀବ୍ର ହେବାକୁ ଯାଉଥିବା ପ୍ରତିଯୋଗିତା ଦୌଡ଼ରେ ଓଡ଼ିଶାର ଯୁବଶକ୍ତି ଯେପରି ଉଲ୍ଲେଖନୀୟ ସ୍ଥାନ ବଜାୟ ରଖିବେ ସେଥିପାଇଁ ରାଜ୍ୟରେ ଦକ୍ଷତା ବିକାଶ ପ୍ରାଧିକରଣ ମାଧ୍ୟମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହାର ସୁଫଳ ମଧ୍ୟ ଗତ କେତୋଟି ଆନ୍ତର୍ଜାତିକ ଦକ୍ଷତା ପ୍ରତିଯୋଗିତାରେ ଦେଖିବାକୁ ମିଳିଛି। ଅର୍ଥନୀତି ଓ ସମାଜର ପ୍ରତିଟି କ୍ଷେତ୍ରରେ ଏଆଇର ଗୁରୁତ୍ୱକୁ ବହୁ ପୂର୍ବରୁ ଉପଲବ୍ଧି କରି ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗତ ମେ ମାସରୁ ନିଃଶୁଳ୍କ ଏଆଇ ସାର୍ଟିଫିକେଟ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ସେଥିପାଇଁ ଖ୍ୟାତନାମା ସଫ୍ଟୱେର ସଂସ୍ଥା ଇଣ୍ଟେଲ କମ୍ପାନୀ ସହିତ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିକାଶ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ପାଇଁ ୫ଟି ଶାସନ ପଦ୍ଧତିରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ପଶ୍ଚିମାଞ୍ଚଳ ଠାରୁ ଆରମ୍ଭ କରି କେବିକେ, କନ୍ଧମାଳ ଓ ଗଜପତି ସହ ରାଜ୍ୟ ଖଣି ପ୍ରଭାବିତ ଅଞ୍ଚଳର ସମତୁଲ ବିକାଶ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ପ୍ରମାଣିତ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ବଜେଟକୁ ୨୦୦ କୋଟିରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ କେବିକେ ଜିଲ୍ଲା ଭିତ୍ତିଭୂମି ବିକାଶ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ମୋଟ ୧୯୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ୨୦୧୭-୧୮ ଆର୍ଥିକ ବର୍ଷରୁ ବାର୍ଷିକ ୧୩୦ କୋଟି ଟଙ୍କା ମୂଳ ପୁଞ୍ଜି ବ୍ୟୟରେ କେବିକେ ଜିଲ୍ଲା ପାଇଁ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନା ପ୍ରବର୍ତ୍ତନ କରିଛନ୍ତି ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୬୩୯.୦୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ୨୦୨୨-୨୩ ସୁଦ୍ଧା ୪୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ମାଲକାନାଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ବିକାଶର ନୂଆ ଅଭିଯାନ ଆରମ୍ଭ କରାଯାଇଛି। ତେଣୁ ଏଠାରେ ଅର୍ଥନୀତିଜ୍ଞଙ୍କ ଆଞ୍ଚଳିକ ବୈଷମ୍ୟ ଆଶଙ୍କା ନିରାଧାର ବୋଲି କୁହାଯାଇପାରେ। ଏକଦା ଦେଶର ସବୁଠୁ ଗରିବ ରାଜ୍ୟ ଥିବା ଓଡ଼ିଶା ଏବେ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ସଫଳତାର ପାହାଚ ଚଢ଼ି ଜାତୀୟ ସ୍ତରରେ ନିଜର ସଫଳତା ଓ ସାମର୍ଥ୍ୟ ପ୍ରଦର୍ଶନ କରୁଛି। ଶାସନ,ସେବା, ଲୋକ କଲ୍ୟାଣ, ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, କୃଷି, ସାମାଜିକ ବିକାଶ, ଭିତ୍ତିଭୂମି, ଅର୍ଥ ପରିଚାଳନା, ଭିତ୍ତିଭୂମି ବିକାଶ ଆଦି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ଓ ନୂଆ ସଫଳତା ହାସଲ କରି ଜାତୀୟସ୍ତରରେ ପୁରସ୍କୃତ ହେଉଛି। ୫ଟି ମୋ ସରକାର ଓ ମିଶନ ଶକ୍ତି ଓଡ଼ିଶାକୁ ଏକ ନୂଆ ପରିଚୟ ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତମ ନେତୃତ୍ୱ ଓ ଦିଗଦର୍ଶନ, ଲୋକଙ୍କ ଆଶୀର୍ବାଦ ଏବଂ ଅମଲାତନ୍ତ୍ରର ଏକନିଷ୍ଠ ଉଦ୍ୟମ ଫଳରେ ଓଡ଼ିଶା ବେକାରୀ, ବ୍ୟାଧି, ଦାରିଦ୍ର୍ୟ ଓ ଖାଦ୍ୟାଭାବରୁ ମୁକ୍ତ ହୋଇଛି। ଏହା ଏକ ଗରିବ ରାଜ୍ୟରୁ ଏବେ ଦ୍ରୁତ ବିକାଶଶୀଳ ରାଜ୍ୟରେ ପରିଣତ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୨୦୨୪ରେ ମଧ୍ୟ ପ୍ରଗତିର ଏହି ଧାରା ଜାରି ରହିବ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଖୁବ ଶୀଘ୍ର ଉନ୍ନତ ଓ ସମୃଦ୍ଧ ପ୍ରଦେଶର ମାନ୍ୟତା ପାଇବାର ଆଶା ନୂଆ ସକାଳରେ ଉଜ୍ଜ୍ୱଳ ଦେଖାଯାଉଛି।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ମହିଳାଙ୍କ ପାଇଁ ଜରୁରୀ 'ମି ଟାଇମ'



ଜୟନ୍ତୀ ପଣ୍ଡା

ବଦଳି ଚାଲିଛି ସମୟ। କିନ୍ତୁ ବଦଳି ପାରୁନି ମାନସିକତା। ଆଜିର ମହିଳା କର୍ମଜୀବୀ ହେଉ ଅବା ଗୃହିଣୀ। ଘର ପରିବାର, କର୍ମକ୍ଷେତ୍ର ସହିତ ବିଭିନ୍ନ ଦାୟିତ୍ୱ ଭିତରେ ବାନ୍ଧି ହୋଇପଡୁଛି ସେ। ନିଜ ପାଇଁ ସମୟ ବାହାର କରିବା ତା ପାଇଁ ସବୁଠାରୁ କଷ୍ଟକର କାମ। ଏହା ଫଳାଫଳ ହେଉଛି ନକାରାତ୍ମକ ଭାବନା। କ୍ରମଶଃ ଏହି ଭାବନା ରୂପ ନିଏ ରୋଗ ଓ ଚିଡ଼ଚିଡ଼ାପଣର। ଏହି ପରିସ୍ଥିତିରେ ନିଜର ମାନସିକ ଶାନ୍ତି, ଶକ୍ତି ଓ ଚିନ୍ତାକୁ ମୁକ୍ତ ରଖିବା ପାଇଁ 'ମି ଟାଇମ' ଅର୍ଥାତ ନିଜ ପାଇଁ କିଛି ସମୟ ବାହାର କରିବା ଜରୁରୀ। ଜୀବନରେ ଖୁସିର କିଛି ମୁହୂର୍ତ୍ତ ସାଉଣ୍ଟିବାକୁ ସମସ୍ତଙ୍କର ଇଚ୍ଛା ରହିଥାଏ। ତେଣିକି ସେ ପୁରୁଷ ହୁଅନ୍ତୁ ଅବା ମହିଳା। ପୁରୁଷମାନେ ନିଜ ପାଇଁ ସମୟ ବାହାର କରିବା ସହଜ ହୋଇଥାଏ। ଯେପରିକି ଅଫିସରେ କାମ ପାଇଁ ବାହାରକୁ ଯିବା କିମ୍ବା ସାଙ୍ଗସାଥୀଙ୍କ କଥା ହେବାର ସୁଯୋଗ ମିଳିଯାଇଥାଏ। କିନ୍ତୁ ଘରପରିବାର, କ୍ୟାରିଅର ଓ ଅନ୍ୟାନ୍ୟ ଦାୟିତ୍ୱର ଚାପ ଯୋଗୁଁ ମହିଳାମାନେ ନିଜ ପାଇଁ ସମୟ ବାହାର କରିବା ଆଦୌ ସହଜ ନୁହେଁ। ଏବେ ବି ପ୍ରାୟ ମହିଳା ମି ଟାଇମ ଅର୍ଥାତ ନିଜ ପାଇଁ ସମୟ ବାହାର କରିବାର ଗୁରୁତ୍ୱକୁ ବୁଝିପାରି ନାହାନ୍ତି। କିନ୍ତୁ ବିଜ୍ଞାନ ଅନୁସାରେ ଯେଉଁ ମହିଳା ମାନେ ନିଜ ପାଇଁ ମମୟ ବାହାର କରିପାରୁ ନାହାନ୍ତି, ସେମାନଙ୍କ ଠାରେ ମାନସିକ ସମସ୍ୟା ବେଶି ଦେଖାଦେଇଥାଏ। ଏହା ପରବର୍ତ୍ତୀ ସମୟରେ ଶାରୀରିକ ବ୍ୟାଧିରେ ପରିଣତ ହୋଇଥାଏ। ମନସ୍ତତ୍ୱବିତଙ୍କ ମତରେ ମହିଳାମାନେ ମି ଟାଇମର ମହତ୍ତ୍ୱ ବୁଝିବା ଦରକାର। ଯିଏ ଘରର ସମସ୍ତ ସଦସ୍ୟଙ୍କ କଥା ବୁଝୁଛି, ତାକୁ ନିଜ କଥା ମଧ୍ୟ ବୁଝିବା ଦରକାର। ପରିବାର ସଦସ୍ୟ ମଧ୍ୟ ଏକଥା ବୁଝିବା ଜରୁରୀ। ମି ଟାଇମ ନିଜକୁ ବୁଝିବାକୁ ସମୟ ଦେଇଥାଏ। ଜୀବନରେ ଅନେକ ଉତ୍ଥାନ ପତନ, ବ୍ୟସ୍ତ ଜୀବନଶୈଳୀ ଯୋଗୁ ସେ ସବୁ ବୁଝିବାକୁ ସମୟ ମିଳିନଥାଏ ଅଥବା ସେ ଏହାକୁ ଅଣଦେଖା କରିଥାଏ। ମି ଟାଇମ ଦ୍ୱାରା ନିଜର ଭାବନାତ୍ମକ ଆବଶ୍ୟକତାକୁ ବୁଝିବା ସହଜ ହୋଇଥାଏ। ଏହି ସମୟରେ ନିଜକୁ ବିଶ୍ଳେଷଣ କରିବା ସହ ସ୍ୱପ୍ନ ଦେଖିବାକୁ ସୁଯୋଗ ମିଳିଥାଏ। କିଛି ସମୟ ପାଇଁ ସବୁ ଦାୟିତ୍ୱ ମୁକ୍ତି ମିଳେ। ଏହି ସମୟରେ ନିଜକୁ ନୂଆ ରୂପରେ ଦେଖିବା ପାଇଁ ଇଚ୍ଛା ଜାଗ୍ରତ ହୋଇପାରେ। ନିଜର ଇଚ୍ଛା, ପସନ୍ଦ-ନାପସନ୍ଦ ଆଦି ବିଷୟରେ ଜାଣିବାର ସୁଯୋଗ ଦିଏ ମି ଟାଇମ। ଆଗାମୀ ଦିନ ପାଇଁ ନିଜକୁ ରିଚାର୍ଜ ବା ପ୍ରସ୍ତୁତ କରିବାକୁ ସମୟ ମିଳିଥାଏ। ପ୍ରତ୍ୟେକ ମହିଳାର ପାରିବାରିକ ସ୍ଥିତି ଓ ଦାୟିତ୍ୱ ଅଲଗା ଅଲଗା ହୋଇଥାଏ। ତେଣୁ ଆପଣ ନିଜ ଦିନଚର୍ଯ୍ୟାର ସୁବିଧା ଅନୁସାରେ ନିଜ ପାଇଁ ସମୟ ବାହାର କରିପାରିବେ। ଏହି ସମୟ ଅଧାଘଣ୍ଟାରୁ ଆରମ୍ଭ କରି ୧ ଘଣ୍ଟା ପର୍ଯ୍ୟନ୍ତ ନେଇପାରିବେ। ମହିଳାମାନେ ଆରମ୍ଭରୁ ନିୟମିତ ମକି ଟାଇମ ବାହାର କରିବା ଆଦୌ ସହଜ ହୋଇନଥାଏ। ତେଣୁ ପ୍ରଥମେ ସପ୍ତାହକୁ ୩/୪ ଦିନ ଏହି ସମୟ ବାହାର କରିପାରିବେ। ପରେ ଏହାକୁ ଧୀରେ ଧୀରେ ନିୟମିତ କରିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବାର ସଦସ୍ୟଙ୍କୁ ଏହା ଅଜବ ଲାଗିପାରେ। କ୍ରମଶଃ ଅଭ୍ୟାସରେ ପଡ଼ିଯିବ। ନିଜ ପସନ୍ଦର କୌଣସି କାମ କରିପାରିବେ। ଏପରିକି ବସିବା, ମ୍ୟୁଜିକ ଶୁଣିବା, ଚିତ୍ର କରିବା, ବହି ପଢ଼ିବା ଓ ପ୍ରାଣାୟାମ ମଧ୍ୟ କରିପାରିବେ। ଏହି ସମୟକୁ ଆପଣ ପ୍ରକୃତି ସହ ମଧ୍ୟ ବିତାଇପାରିବେ। ଯେପରିକି ନିଜ ବଗିଚାରେ କିଛି ସମୟ ପାଇଁ ବସି ପାରିବେ କିମ୍ବା ବଗିଚାର ଗଛ ମାନଙ୍କ ଯତ୍ନ ମଧ୍ୟ ନେଇପାରିବେ। କିଛି ସମୟ ପାଇଁ ଯୋଗ ବା ଧ୍ୟାନ କରି ମନକୁ ଶାନ୍ତ କରିପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ଆପଣଙ୍କ ନିଜସ୍ୱ ସମୟ। ତେଣୁ ଯଥା ସମ୍ଭବ ଏକା ରହିବାକୁ ପ୍ରୟାସ କରନ୍ତୁ। ନିଜ ସହ ନିଜେ ବଞ୍ଚିବାକୁ ଚେଷ୍ଟା କରନ୍ତୁ। ଯଦି ସମ୍ଭବ ମାସକୁ ଥରେ ୩/୪ ଦିନ ପାଇଁ ଘରଠାରୁ ଦୂରକୁ ଚାଲିଯାଆନ୍ତି। ସେଠାରେ ବୁଲାବୁଲି କରି ମନକୁ ସତେଜତାରେ ଭରି ଆସନ୍ତୁ। ଆମେ ସମସ୍ତେ ନିଜକୁ ଭଲପାଉ କିନ୍ତୁ ବୟସ ବଢ଼ିବା ସହ ଦାୟିତ୍ୱ ଓ ସମ୍ପର୍କର ପରିସୀମା ବଢ଼ିଥାଏ। ଜୀବନ ଓ ଜୀବିକା ଭିତରେ ଛନ୍ଦି ହୋଇପଡ଼ିଥାଉ। ଫଳରେ ନିଜ ପାଇଁ ଥିବା ସମୟ କ୍ରମଶଃ ବାଣ୍ଟି ହୋଇଚାଲେ। ଏପରିକି ଦିନ ଆସେ, ଆମେ ନିଜ ପାଇଁ ଆବଶ୍ୟକ ସମୟ ଦେଇପାରି ନଥାଉ। କେବଳ କାମ ଭିତରେ ଘାଣ୍ଟି ହୋଇପଡ଼ିଥାଉ, ଯାହା ଆଦୌ ଠିକ ନୁହେଁ। ନିଜ ପାଇଁ ମଧ୍ୟ ସମୟ ଦେବା ଉଚିତ। ମି ଟାଇମ ଅର୍ଥାତ୍ ନିଜ ପାଇଁ ସମୟ। ଏହାର ଅର୍ଥ ଆପଣ ସ୍ୱାର୍ଥପର ହେବେ ନାହିଁ। ନିୟମିତ ନିଜ ପାଇଁ କିଛି ସମୟ ବାହାର କରିବେ। ଚାଳିଶ ବର୍ଷ ତଳେ ନାରୀମାନଙ୍କ ଭିତରେ ଯେତିକି ଚିନ୍ତାରେ ରହୁଥିଲେ, ଏବେ ତାହା ବଢ଼ିଯାଇଛି। ଘର ପରିବାର ସହ କ୍ୟାରିୟରକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ତେଣୁ ଥକିବା ସ୍ୱାଭାବିକ। ଯେମିତି ମୋବାଇଲ ଚାର୍ଜ ହେବା ପରେ ଯେତିକି ସମୟ ଚାଲିବା କଥା ତା ଠାରୁ ଅଧିକ ସମୟ ବ୍ୟବହାର କଲେ, ଏହାର ଚାର୍ଜ ଶୀଘ୍ର ସରିଯାଇଥାଏ। ଠିକ ସେମିତି ମହିଳାମାନେ ଆବଶ୍ୟକତା ଠାରୁ ଅଧିକ କାମ କରିବା ଦ୍ୱାରା ସେମାନଙ୍କ ମଧ୍ୟ ଏକ ପ୍ରକାର ଚାର୍ଜ ସରିଯାଏ। ମି ଟାଇମ ସେମାନଙ୍କୁ ରିଚାର୍ଜ କରିଥାଏ। ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ମହିଳାମାନେ ଯଦି ନିଜ ପାଇଁ ସମୟ ବାହାର କରି ନପାରନ୍ତି ତେବେ ସେମାନେ କ୍ରମଶଃ ଥକିବା, ଚିଡ଼ଚିଡ଼ା ହେବା, ଛୋଟ ଛୋଟ କଥାରେ ରାଗିବା ଓ ଠିକ ଭାବେ ନ ଶୋଇବା ପରି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏସବୁର ସମାଧାନ ହେଉଛି ମି ଟାଇମ। ଏକ ଘଣ୍ଟା ସମ୍ଭବ ନ ହେଲେ ମଧ୍ୟ ନିୟମିତ ୫ରୁ ୧୫ ମିନିଟ ନିଜ ପାଇଁ ସମୟ ବାହାର କରିବା ଜରୁରୀ। ଏହି ସମୟରେ ନିଜ ପସନ୍ଦର କାମ କରିବା ଉଚିତ। ମି ଟାଇମ ଆପଣଙ୍କ ଭିତରେ ଶକ୍ତି ଭରିବା ସହ ସତେଜ ଅନୁଭବ କରାଏ। କିଛି ସମୟ ପାଇଁ ଦାୟିତ୍ୱମୁକ୍ତ ରହି ଚିନ୍ତାଠାରୁ ଦୂରେଇବା ଦ୍ୱାରା ମନ ରିଚାର୍ଜ ହୋଇଥାଏ। ପ୍ରସନ୍ନତା ଓ ଖୁସି ଅନୁଭବ ହୋଇଥାଏ। ଚିନ୍ତା, ଡିପ୍ରେସନ ଓ ଚିଡଚିଡ଼ାପଣ ଠାରୁ ଦୂରେଇ ବ୍ୟକ୍ତିତ୍ୱରେ ସକାରାତ୍ମକ ଭାବନା ଆଣିଥାଏ। ଆପଣ ନିଜକୁ ଜାଣିବାର ପ୍ରକୃଷ୍ଟ ସମୟ। ତା ସହିତ ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ମଧ୍ୟ ଉପଯୁକ୍ତ । ଅନ୍ତରରୁ ଖୁସି ରହିଲେ ହିଁ ତାର ଝଲକ ଚେହେରାରେ ଦେଖିବାକୁ ମିଳିଥାଏ। ଏପରିକି ଭିନ୍ନ ଭିନ୍ନ ପରିସ୍ଥିତିରେ ମଧ୍ୟ ସକାରାତ୍ମକ ଭାବନା ଆସିଥାଏ।

*ଫରିଦାବାଦ, ହରିଆନା*

# ବିକଶିତ ଭାରତ ସଂକଳ୍ପଯାତ୍ରା : ଏକ ସାମଗ୍ରିକ ଆହ୍ୱାନ



ହିମାଂଶୁ ଶେଖର ଆଚାର୍ଯ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତାର ୭୫ ବର୍ଷ ପୂ ି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭାରତକୁ ୨୦୪୭ ମସିହା ସୁଦ୍ଧା ବିକାଶର ଶୀର୍ଷରେ ପହ ାଇବାକୁ ଆହ୍ୱାନ ଦେଇଥିଲେ । ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଅଭିନବ ପଦକ୍ଷେପ କହିଲେ ଭୁଲ୍ ହେବ ନାହିଁ। ଏହି ଅବସରରେ ଆସନ୍ତା ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏଥିପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ଏକ ବିକଶିତ ରାଷ୍ଟ୍ର ଆଡ଼କୁ ଆମକୁ ଅଗ୍ରସର ହେବାକୁ ପାଇଁ ଦୁନୀତି ଭଳି ଆବର୍ଜନାକୁ ହଟାଇବା ଜରୁରୀ ବୋଲି ସେ କହିଥିଲେ । ବାସ୍ତବରେ ଦେଖିବାକୁ ଗଲେ ଦୁର୍ନନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି। ଏଥିପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ ଯେ, ଅଗଣିତ ସଂଗ୍ରାମୀ ମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୬ବର୍ଷ ପୂରି ୭୭ ବର୍ଷରେ ପଦାର୍ପଣ କରିଛି। ଏହି ସଂକଳ୍ପ ଯାତ୍ରା ଜନଜାତି ଗୌରବ ଦିବସ ପାଳନ ଅବସରରେ ଗତ ୧୫ ନଭେମ୍ବର ଠାରୁ ଆରମ୍ଭ ହୋଇଛି ।

ଏହି ସାତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଅମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ ।ବିଭିନ୍ନ ପ ବାର୍ଷିକ ଯୋଜନାରେ ଆମେ ଆମର ଇପ୍ସିତ ଲକ୍ଷ୍ୟକୁ ଅନେକାଂଶରେ ପୁରଣକରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ। ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୁର୍ବରୁ ଯେଉଁ ଦେଶରେ ପିନ୍ କ ାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ , ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟଓୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହ ିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସ ୍ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର,୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୁଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲାଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୁମି ଥିବା ଲୋକମାନେ। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବ ିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧା ୍ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଙ୍ଖିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି ।ଏହାହିଁ କ୍ଷୋଭର ବିଷୟ । ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୭ ବର୍ଷ କିଛିକମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟେଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ। ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମା ଳରେ ବାସ କରୁଥିବା ବେଳେ ସହରା ଳରେ ମାତ୍ର ୩୧.୨ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରା ଳରେ ୮୦ପ୍ରତିଶତ , ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ , ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରା ଳରେ ବାସ କରନ୍ତି ।ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ। ଏପରିକି ସେମାଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ। ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ,ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ଏବେର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ସଂକଳ୍ପଯାତ୍ରା ମୂଳ ଆଭିମୁଖ୍ୟ ହେଲା ସମାଜର ତୃଣମୂଳ ସ୍ତରରେ ସବାଶେଷ ଲୋକ ପାଖରେ ଯେପରି ପହ ୍ ପାରିବ ସେଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସେହିପରି ନାଗରିକ ବା ହିତାଧିକାରୀଙ୍କ ଠାରୁ ଅନୁଭୂତି ବା ପ୍ରତିକ୍ରିୟା ଜାଣୀବା ଏଥି ସହିତ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ଏହି ଯାତ୍ରାର ଅନ୍ୟ ଏକ ଲକ୍ଷ୍ୟ । ମୋଟାମୋଟି ଭାବେ ଗରିବ ନିଷ୍ପେଷିତଙ୍କ ଠାରୁ ଆରମ୍ଭ କରି ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସଫୁଟାଇବା ଏହି କାର୍ଯ୍ୟକ୍ରମର ପ୍ରଧାନ ଆଭିମୁଖ୍ୟ । ଏହା କେତେଦୂର ସଫଳ ହେବ ତାହା ସମୟ କହିବ !

ଜଗତସିଂହପୁର
ମୋ-୯୯୩୭୧୫୧୦୫୨




# ଯକୃତର ଯତ୍ନ

ଯକୃତ ବା ଲିଭର ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ପ୍ରତିରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି।

**ଭାଇରାଲ ହେପାଟାଇଟିସ୍ :** ଏହା ଏ, ବି, ସି, ଡି ଏବଂ ଇ - ପାଞ୍ଚ ପ୍ରକାରର। ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ। ଏହାର ଲକ୍ଷଣ ପ୍ରାୟ ୨ରୁ ୪ ସପ୍ତାହ ଜାରି ରହେ। ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ। ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ। ଯକୃତ ଖରାପ ହେବାର ଅଳ୍ପଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ। ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ହୋଇଥାଏ। ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କ୍ଷେତ୍ରରେ ଛଅମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି। ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ। ଠିକ୍ ସମୟରେ ଚିକିତ୍ସା ସେବା ନପାଇଲେ ଧୀରେ ଧୀରେ ଲିଭର ଟ୍ୟୁମରରେ ପରିବର୍ତ୍ତିତ ହୋଇଯାଏ।

ମୁଖ୍ୟତଃ ଆଲ୍‌କୋହଲ ସଂକ୍ରମିତ ଛୁଞ୍ଚି, ରକ୍ତ ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ। ଜଣ୍ଡିସ୍ ତଥା ଡେଙ୍ଗୁ ମଧ୍ୟ ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ। ଏହା ବ୍ୟତୀତ ଟିବି, ଅପସ୍ମାରର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ମଧ୍ୟ ଏହି ରୋଗ ହୋଇପାରେ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଙ୍କୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ଏକ୍ସରସାଇଜ୍ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମୋଟାପା ୭୦ ପ୍ରତିଶତ ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ଅନ୍ତନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି। ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇପାରେ। ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଯାଏ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ। ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ। ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କୁହାଯାଉଥିବା ଯକୃତର ଯତ୍‌ପରନାସ୍ତି ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନିଅନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ଜୀବନ ଅତିବାହିତ ପାଇଁ ମାର୍ଗ ପାଇପାରିବେ।

## ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅତିଥି ଭାବେ ଯୋଗଦେଇ ନବନିର୍ବାଚିତ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦପୁରୁଷଙ୍କର ଗୁଣଗାନ କରିଥିଲେ। ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ପ୍ରଭାତି ମହାନ୍ତି, ବରୁଣ ସାହୁ, ବିଶ୍ୱଜିତ ବେହେରା ଓ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଶେଷରେ ଯୁବ ସଙ୍ଗଠକ ସଂଜୟ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ୧୯୮୨ ବ୍ୟାଚ ପିକ୍‌ନିକ୍ ସୋମନାଥ ବିଦ୍ୟାପୀଠ, ଜାହାନପୁର



କଟକ (ପିଏନ୍): ୧୯୮୨ ବ୍ୟାଚ ପିକନିକ ସୋମନାଥ ବିଦ୍ୟାପୀଠ, ଜାହାନପୁରର ବିଷ୍ଣୁପ୍ରିୟା କମ୍ପ୍ଲେକ୍ସ ଠାରେ ଧୂମଧାମ ସହିତ ପାଳିତ ହୋଇଯାଇଛି। ଏହି ସମାରୋହରେ ଦୂର ଦୂରାନ୍ତରେ ଥିବା ପୂର୍ବତନ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇଥିବା ପରିଲକ୍ଷିତ କରାଯାଇଥିଲା। ସ୍କୁଲର ବରିଷ୍ଠ ଶିକ୍ଷକ ଶଶୀଭୂଷଣ ନନ୍ଦଙ୍କ ସ୍ମୃତିଚାରଣ କରାଯାଇ ସଭା କାର୍ଯ୍ୟର ଆୟୋଜନ କରାଯାଇଥିଲା। ଅମୀୟ ସ୍ୱାଇଁ, ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟର ଆରମ୍ଭ କରିଥିଲେ। ସହଦେବ ସେଠୀ ଜଗନ୍ନାଥଙ୍କ ଜଣାଣ ଗାଇ ବାତାବରଣ ଭକ୍ତିମୟ କରିଦେଇଥିଲେ। ପ୍ରତିମା ନନ୍ଦ, ପ୍ରମୋଦ ନାୟକ, ସିଂହଭୂମର ସମ୍ପାଦକ, ସ୍ତମ୍ଭକାର ଲେଖକ ବାଦଲ ଭୂୟାଁ ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗତବର୍ଷର ହିସାବ କିତାବ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ପୁଷ୍ପାଞ୍ଜଳୀ ରଥ, ଯାଜ୍ଞସେନୀ ରାଉତ, କଳ୍ପନା ଜେନା, ଜ୍ଞାନ ରାୟ, ନନ୍ଦ ସାହୁ, ଅଶୋକ ସେଠୀ, ରାମ ଖଟୁଆ, ପ୍ରମୋଦ ଜେନା ପ୍ରମୁଖ ବିଚାର ରଖିଥିଲେ। ସଚଳା ଜେନା, ଜ୍ୟୋତ୍ସ୍ନା ଜେନା, ଚିତ୍ତ ମୁଦୁଲି, ନୀର ଭୋଇ, ଜଗଜୀବନ ରାୟ, ପ୍ରମୋଦ ପାଇଟାଳ, ସ୍ନେହଶୀଳା ରଥ, ଭଗତ ସାହୁ, ନୃସିଂହ ନନ୍ଦ, ଅକ୍ଷୟ ଦାସ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଡଃ ପ୍ରକାଶଙ୍କୁ ଓଡିଆ ସଂସ୍କୃତି ପୁରୁଷ ସମ୍ମାନ ପ୍ରଦାନ



ଭୁବନେଶ୍ୱର (ପିଏନ୍): ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଉନ୍ନତି ଓ ପ୍ରଚାର ପ୍ରସାର କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଆ ନବବର୍ଷପାଳନ ଅବସରରେ ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ "ଓଡିଆ ସଂସ୍କୃତି ପୁରୁଷ" ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଓଡିଶା ନାଗରିକ ମହାମଞ୍ଚ ତଥା ଓଡିଆ ସଂସ୍କୃତି ଓ ପରମ୍ପରାର ଜାଗ୍ରତ ପ୍ରହରୀ ନମାମି ମନ୍ଦାକିନୀ ଅନୁଷ୍ଠାନ ତରଫରୁ ରବିନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ହଟ୍ଟନାଥ ମଙ୍ଗରାଜ, ପୂର୍ବତନ ମନ୍ତ୍ରୀ ଡଃ ଦାମୋଦର ରାଉତ, ଶ୍ରୀ ବିଜୟ ମହାପାତ୍ର, ବରିଷ୍ଠ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ, ସାରସ୍ୱତ ସାଧକ ଜିତେନ୍ଦ୍ର ନାରାୟଣ ଦାସ, ଲୋକସଭା ଆୟୋଗ ସଦସ୍ୟ ସାହିତ୍ୟିକ ନିରଞ୍ଜନ ସାହୁ, ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତ, ବରିଷ୍ଠ ପ୍ରଜ୍ଞାଚାର୍ଯ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଶିଷ୍ଟ ସ୍ତମ୍ଭକାର ତଥା ଶିଶୁ ସାହିତ୍ୟିକ ଦାସ ବେନୁହୁର ପ୍ରମୁଖଙ୍କ ସଦୟ ଉପସ୍ଥିତିରେ ଡଃ ପ୍ରକାଶଙ୍କୁ ଉପଢୌକନ, ସ୍ମୃତିଫଳକ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉକି, ଯୁବଗୋଷ୍ଠୀଙ୍କୁ ଏକାଠି କରିବା ତଥା ସେମାନଙ୍କୁ କୁସଙ୍ଗ ଓ ଅନ୍ୟାନ୍ୟ ଅହିତକର ସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରଖି ଗଠନ ମୂଳକ କାର୍ଯ୍ୟକ୍ରମରେ ନିୟୋଜିତ କରିବା ଲକ୍ଷ୍ୟରେ ୧୯୯୪ ମସିହାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରି ସାସ୍କୃତିକ ଜାଗରଣ ଓ ସେବାକାର୍ଯ୍ୟ କରିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଗଠନ ତଥା କାର୍ଯ୍ୟକ୍ରମକୁ ଉତ୍ସାହ ପ୍ରଦାନ କରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇ ଅସୁଛନ୍ତି। ଦୀର୍ଘ ୨୭ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ନିରବଚ୍ଛିନ୍ନ ଭାବେ ଦୁଇଟି ଅହୋରାତ୍ର ସାମାଜିକ ନାଟକ ପରିବେଷଣ କରି ଏକ ନିଆରା ପରମ୍ପରା ସୃଷ୍ଟି କରିପାରିଛନ୍ତି। ଡଃ ପ୍ରକାଶ ଡି.ଏ.ଭି ଅନୁଷ୍ଠାନ ସହ ମଧ୍ୟ ସେହି ସମୟରୁ ଜଡିତ ରହି ଡି.ଏ.ଭି ଚନ୍ଦ୍ରଶେଖରପୁରଠାରେ ୨୩ ବର୍ଷ କାର୍ଯ୍ୟକରି ସମ୍ପ୍ରତି ଡି.ଏ.ଭି କଳିଙ୍ଗ ନଗରଠାରେ ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ଡଃ ପ୍ରକାଶ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବଞ୍ଚିରହିଲେ ଜାତିର ଉନ୍ନତିରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହାର ଶ୍ରେୟ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ପ୍ରଦାନ କରିବା ସହ ଏତେ ଦୀର୍ଘ ସମୟ ଧରି ସାଙ୍ଗରେ ରହିଥିବାରୁ ଧନ୍ୟବାଦ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଚାଲୁରହିବ ବୋଲି ମତବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଡଃ ପ୍ରକାଶ ତଥା ଅନୁଷ୍ଠାନର ଏହି ସଫଳତା ଓ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି।

## ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ



ଖୋର୍ଦ୍ଧା (ପିଏନ୍): ଏ ସଂସାରରେ ନେତାମାନେ ହେଲେ ସବୁଠାରୁ ବଡ଼ ନାଟୁଆ। ସେମାନଙ୍କ ଅଭିନୟ ଅସଲ ଅଭିନେତାଙ୍କଠାରୁ ବଳିଯାଏ। ନିର୍ବାଚନ ପୂର୍ବରୁ ଗୋଟେ ରଙ୍ଗ, ପରେ ଆଉ ଗୋଟେ ରଙ୍ଗ। ସେମାନେ ହେଲେ ରଙ୍ଗ ବଦଳାଉଥିବା ଏଣ୍ଡୁଅ। ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇଥିବା ବିଶ୍ୱ ନାଟ୍ୟ ଦିବସରେ ଏହିଭଳି ମତ ଦେଇଛନ୍ତି ଗାଳ୍ପିକ ସୁନୀଲ ବୋଷ, ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା। ଶ୍ରୀରାମ ନଗର ସ୍ଥିତ ସାହିତ୍ୟ ସଂସଦ ଗୃହରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ। ଖୋର୍ଦ୍ଧା ଅଂଚଳର ଜଣାଶୁଣା ନାଟ୍ୟ ଅଭିନେତା ତଥା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଲାଲମାଟିର ବଳିଷ୍ଠ ନାଟ୍ୟ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଅଂଚଳର ନାଟ୍ୟକାର ଓ ନାଟକ ସଂପର୍କରେ ପିଏଚଡି ପ୍ରାପ୍ତ ହୋଇଥିବା ମୁଖ୍ୟବକ୍ତା ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ନାଟକ ସଂପର୍କରେ ସାରଗର୍ଭକ ଆଲୋଚନା କରିଥିଲେ। ନାଟ୍ୟ ଅଭିନେତା କୃଷ୍ଣଚନ୍ଦ୍ର ହରିଚନ୍ଦନ, ସମରଜିତ୍ ପଟ୍ଟନାୟକ ପ୍ରମୁଖ ନିଜ ଅଭିନୟ ଜୀବନର ଅନୁଭୂତି ସହ ବିଭିନ୍ନ ସଂଳାପକୁ ଉପସ୍ଥାପନ କରିଥିଲେ। ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ସାଂପ୍ରତିକ ସମୟର ଦୁର୍ନୀତି, ଅନ୍ୟାୟ, ଅନୀତି, ରାଜନୈତିକ ତଥା ପ୍ରଶାସନିକ ସ୍ୱେଚ୍ଛାଚାରିତା ସଂପର୍କରେ ନାଟକ ଲିଖନ ସହ ପରିବେଷଣ ହେବା ଜରୁରି। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗାଳ୍ପିକ ତପନ ମହାପାତ୍ର, ଶିକ୍ଷାବିତ୍ ବିଭୁପ୍ରସାଦ ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ଲକ୍ଷ୍ମୀଧର ବଡ଼ଜେନା, କବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମୟରେ ନାଟକର ଆବଶ୍ୟକତା ରହିଥିବା ସମୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଓକିଲ ସଂଘର ନବନିର୍ବାଚିତ ସଭାପତି ବିଜୟ ସାମନ୍ତସିଂହାରଙ୍କୁ ସାହିତ୍ୟ ସଂସଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ କବି ଯୋଗେଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର ନିର୍ବାଚନ ଫଳାଫଳ ସମ୍ପର୍କିତ ଜିଲ୍ଲା କଂଗ୍ରେସ କମିଟିର ଜରୁରୀ ବୈଠକ, ଗଞ୍ଜାମ ଜିଲ୍ଲାବାସୀଙ୍କୁ କୃତଜ୍ଞତା

ବ୍ରହ୍ମପୁର (ପିଏନ୍) : ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ରମେଶ ଜେନା ଓ ବ୍ରହ୍ମପୁର ମହାନଗର ନିଗମରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦିତା କରୁଥିବା ମେୟର ପ୍ରାର୍ଥିନୀ ମଞ୍ଜୁ ରଥ ନିକଟରେ ଅନୁଷ୍ଠିତ ହୋଇଯାଇଥିବା ପୌର ନିର୍ବାଚନ ଜନାଦେଶକୁ ସମ୍ମାନ ଜଣାଇ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭୋଟରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏ ସମ୍ପର୍କରେ ଏକ ବୈଠକ ସଭାପତି ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ପୌର ନିର୍ବାଚନ ଏବଂ ଦଳର ପରାଜୟ ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହ ଲୋକଙ୍କ ନିକଟତର ହୋଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ।

ଅପରପକ୍ଷରେ ସମସ୍ତ ଘାତ ପ୍ରତିଘାତ, ସରକାରୀ କଳର ଚାପା, ଅର୍ଥ ଓ ବାହୁ ବଳକୁ ପଛରେ ପକାଇ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳରେ ନବନିର୍ବାଚିତ କଂଗ୍ରେସ ଦଳର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ଜିଲ୍ଲାର ସମସ୍ତ ନିର୍ବାଚିତ କଂଗ୍ରେସ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

ଏହି ବୈଠକରେ ଦଳର ମୁଖପାତ୍ର ରବି ରଥ, ଏସ୍‌ସି ଏସଟି ସେଲର ସଭାପତି ଅମିର୍ ଭୂୟାଁ, ଜିଲ୍ଲା ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, କେ. ରବି, ଚିନ୍ତାମଣି ନାୟକ, ଅଶୋକ ମୁନି, ସିଦ୍ଧାନ୍ତ ସାହୁ, ଶଶିଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆମ ପରମ୍ପରା ଟ୍ରଷ୍ଟର ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ଶ୍ରୀକୋଣା ଗ୍ରାମ ପଞ୍ଚାୟତ ଅଧିନସ୍ତ ଖଣ୍ଡକାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ପରମ୍ପରା ଟ୍ରଷ୍ଟ ଆନୁକୂଲ୍ୟରେ ଓ ରୋଟାରୀ କ୍ଲବ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀ କମଳଲୋଚନ ସାହୁ ଓ ଆମ ପରମ୍ପରା ଟ୍ରଷ୍ଟର ଉପଦେଷ୍ଟା ବରିଷ୍ଠ ଆଇନଜିବୀ ଶ୍ରୀ ହରେକୃଷ୍ଣ ଦାସ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଓ ଚକ୍ଷୁ ଚିକିତ୍ସା ଶିବିରକୁ ଆସିଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଚକ୍ଷୁ ସଚେତନତା ବାର୍ତ୍ତା ସଭା ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ସଦର ଗୋଷ୍ଠି ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ, ସରପଞ୍ଚ ଶ୍ରୀ ସାହୁ, ଆଇନଜିବୀ ଶ୍ରୀଦାସ, ସଂପାଦକ ମୁରଲୀଧର ନାୟକ, ମନ୍ମଥ ମିଶ୍ର, ହରିହର ନାୟକ, ଡ଼ଃ ବିଥିକା ପଟ୍ଟନାୟକ, ସୁରେଶ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଚକ୍ଷୁ ସମ୍ବନ୍ଧୀୟ ସଚେତନତା ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରୋଟାରୀ କ୍ଲବର ସଂପାଦକ ପଦାରବିନ୍ଦ ମହାପାତ୍ର ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ରାଷ୍ଟ୍ରପତି ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ ସଭ୍ୟ ଚତୁର୍ଭୁଜ ପ୍ରଧାନ, ବର୍ଜୁ ସିଂ, ନାୟବ ସରପଞ୍ଚ ଶ୍ରୀମତୀ ମଞ୍ଜୁ ସିଂ, ଅନୁଷ୍ଠାନର ସଦସ୍ୟ ମହେନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବେହେରା, ବିଜୟଲକ୍ଷ୍ମୀ ମିଶ୍ର, ରଞ୍ଜିତ ପରିଡ଼ା, କଞ୍ଚମଣି ସ୍ୱାଇଁ, ଲୋକନାଥ ପିରି, କଳ୍ପନା ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ଶିକ୍ଷକ, ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ୯୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୫ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମନୋନିତ କରାଯାଇଥିଲା। ଏଭଳି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ଖୁବ୍ ଆନନ୍ଦ ଅନୁଭବ କରିଥିଲେ। ଶେଷରେ ଅମରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ । ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ । ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପ ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅ ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାର୍ଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday January 10, 2024 ଭୁବନେଶ୍ୱର ବୁଧବାର , ଜାନୁଆରୀ ୧୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସୁନ୍ଦରିଆ କ୍ରିକେଟ୍ ଲିଗ୍ ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦରିଆ ନିଉ ଲାଇଫ କ୍ଲବ ପକ୍ଷରୁ ୨୯ତମ ସୁନ୍ଦରିଆ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ’ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସପ୍ତସାଗର ଦାସଙ୍କ ସଭାପତିତ୍ୱରେ ଏହି ବୈଠକ ରେ ସବୁ ବର୍ଷ ପରି ଏଥର କିପରି ଶୃଙ୍ଖଳିତ ଭାବରେ ଭାଇଚାରା ଓ ସମସ୍ତଙ୍କ ସହଯୋଗରେ ଖେଳ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଥର ୧୦ ତାରିଖରୁ ଖେଳ ଆରମ୍ଭ ହୋଇ ୧୫ ତାରିଖରେ ଉଦଯାପିତ ହେବ। ସ୍ଥାନୀୟ ମିନି ଷ୍ଟାଡିୟମ୍ ରେ ଏହି ଖେଳ ଆୟୋଜନ କରାଯାଇଛି। ଏଥିରେ ୮ଗୋଟି ଦଳ ଅଂଶଗ୍ରହଣ କରିବେ। ଏହି ବୈଠକ ରେ ମାର୍କଣ୍ଡ ଦାସ, ଅଶୋକ ବିଶ୍ୱାଳ, ଆମ୍ବିତ୍ ସାମଲ, ସ୍ୱାଗତ ଦାସ,ଶ୍ରୀକାଂ ଦାସ ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ସୋସିଆଲ ମିଡିଆରେ ବିଧାୟକଙ୍କ ଚରିତ୍ର ସଂହାର କରିଥିବା ଯୁବକ ଗିରଫ

ଧର୍ମଶାଳା, (ପିଏନ୍): ସୋସିଆଲ ମିଡିଆରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଲବ’ରାୟଙ୍କ ଚରିତ୍ର ସଂହାର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି । ସୂଚନା ମୁତାବକ ନାଉପାଳ ଗ୍ରାମର ଭାଗବତ ପଲେଇଙ୍କ ପୁଅ ମନୋଜ ପଲେଇ (୨୬) ୨ ଦିନ ତଳେ ଫେସବୁକରେ ଲାଇଭ ଅସି ସ୍ଥାନୀୟ ବିଧାୟକ ଶ୍ରୀ ବଲବ’ରାୟଙ୍କ ଚରିତ୍ର ସଂହାର କରିବା ସହିତ ତାଙ୍କ ବିରୁଦ୍ଧରେ ବହୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ ବିଧାୟକଙ୍କ ଜଣେ ସମର୍ଥକ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ସତ୍ୟାସତ୍ୟ ଅନୁସନ୍ଧାନ କରିବା ସହ ଗତ କାଲି ରାତିରେ ମନୋଜକୁ ଗିରଫ କରିଛି। ଏନେଇ ପୁଲିସ ୨୪/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମନୋଜକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି । ସୋସିଆଲ ମିଡିଆରେ କୌଣସି କଟକଣା ନଥିବାର ଫାଇଦା ନେଇ ଅନେକ ଯୁବକ ଅନ୍ୟର ଚରିତ୍ର ସଂହାର କରୁଥିବା ଘଟଣା ସାମନାକୁ ଆସୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଧିରେ ଧିରେ ଯୁବପୀଢୀ ଏହାର ବସବର୍ତ୍ତୀ ହୋଇ ଅନ୍ୟର ପ୍ରରୋଚନାରେ ଏଭଳି କାଣ୍ଡ କରିବାକୁ ପଛାଉ ନାହାନ୍ତି । ସୋସିଆଲ ମିଡିଆରେ ପରର ଚରିତ୍ର ସଂହାର କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ଷଣ୍ଢ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଦେଓଦା ଗ୍ରମରେ ବୁଲା ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ମୁତାବକ ଏହି ଥାନା ଦେଓଦା ଗ୍ରାମର ଅଲେଖ ମଲିକ ଆଜି ସକାଳେ ନିଜ ବାଡିରେ କାମ କରୁଥିବା ବେଳେ ଏକ ବୁଲା ଷଣ୍ଢ ବାଡିକୁ ପଶି ଆସିଥିଲା । ଏହା ଦେଖି ସେ ଷଣ୍ଢଟିକୁ ଗୋଡଇବା ସମୟରେ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ସେଠାରେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଅଲେଖଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦ’ ଚଳାଇଛି । ତେବେ ଦେଓଦା ଗ୍ରାମରେ ବୁଲା ଷଣ୍ଢଟି ଦୀର୍ଘ ୨ ମାସ ହେଲା ଉତ୍ପାତ ଜାରିରଖିଥିବା ବେଳେ ଫସଲ ଓଜାଡିବା ସହ ୭ରୁ ୮ ଜଣ ଲୋକଙ୍କୁ ମାରି ଘାଇଲା କରିଛି । ତାକୁ ଧରିବାକୁ ଗ୍ରାମବାସୀ ଉଦ୍ୟମ କରି ବିଫଳ ହେବା ପରେ ବନବିଭାଗ ଓ ପୁଲିସକୁ ଏସମ୍ପର୍କରେ ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନଥିଲା। ବେଳ ଥାଉଁ ଥାଉଁ ଜଦି ଷଣ୍ଢଟିକୁ ଧରି ନିଆଯାଇଥାନ୍ତା ତେବେ ଆଜି ଜଣଙ୍କର ଜୀବନ ବଂଚିଯାଇପାରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି ।

## ସଡକ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଗତକାଲି ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସେକ୍ଟର ୧ ରାଉରକେଲାର ବିଜୟ ସାହୁଙ୍କ ପୁଅ ଚିନ୍ମୟ ସାହୁ (୨୬) ବୋଲି ଜଣାପଡିଛି । ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ଚିନ୍ମୟ ନିଜର ଓଡି- ୧୪ ଏସି-୮୦୮୩ ନଂ ଟିଭିଏସ ଆପାଚି ବାଇକରେ ଯାଜପୁରରୋଡରୁ କୌଣସି କାମରେ ଭୁବନେଶ୍ୱର ଯାଉଥିବା ବେଳେ ରାତି ପ୍ରାୟ ୨ ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ନେଉଳପୁର ନିକଟରେ ଏପି-୩୯-ଭି- ୮୬୫୨ ନଂ ଟ୍ରକ ତାଙ୍କୁ ସାଇଡ ମାରିଥିଲା। ଫଳରେ ସେ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ । ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ ।

# ଯୁବଶକ୍ତି ସମାଜର ଜାଗ୍ରତ ପ୍ରହରୀ: ବିଶ୍ୱଭୂଷଣ

ଭୁବନେଶ୍ୱର,(ପି.ଏନ):ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଭୁବନେଶ୍ୱରସ୍ଥ ହୋଟେଲ୍ ଏକ୍ସଲେନ୍ସରେ ଆୟୋଜିତ ରାଜ୍ୟସ୍ତରୀୟ ଦେଶ ନିର୍ମାଣରେ ଯୁବକଙ୍କ ଭୂମିକା ଉପରେ ଯୁବ ଉତ୍ସବ ଓ ଗୀତାଳୀ ଏକ୍ସିଲେନ୍ସ - ୨୦୨୩ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଯୁବଶକ୍ତି ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ଏକ ସୁସ୍ଥ ଓ ସୁନ୍ଦର ଦେଶ ନିର୍ମାଣରେ ଯୁବକଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଦେଶର ଭବିଷ୍ୟତ। ଯୁବଶକ୍ତି ଦେଶକୁ ଉଚିତ ମାର୍ଗରେ ନେଇ ପାରିବ। ଯୁବକମାନେ ଗାନ୍ଧୀ, ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରେରଣାରେ ଅନୁପ୍ରାଣିତ ହୁଅନ୍ତୁ ଓ ବଂଚିତ ଦଳିତମାନଙ୍କୁ ସେମାନଙ୍କର ଅଧିକାର ପାଇବାରେ ସହାୟକ ହୁଅନ୍ତୁ। ଜାତିକୁ ଉନ୍ନତରୁ ଉନ୍ନତତର କରିବାରେ ଯୋଗଦାନ ଦିଅନ୍ତୁ।ରାଜ୍ୟପାଳ ଶ୍ରୀ ହରିଚନ୍ଦନ ନିଶା ନିବାରଣ ଓ ସମାଜ ନିଶା ଠାରୁ ଦୁରେଇ ରହିବାକୁ ଆହ୍ୱାନ ଦେଇଥିଲେ। ନିଶା ଠାରୁ ଯୁବଶକ୍ତି ଦୁରେଇ ରହିବା ସହିତ ନିଶା ଯେପରି ସମାଜକୁ ପଙ୍ଗୁ କରିନେଦେଇ ସେଥିପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ରାଜ୍ୟପାଳ




କହିଥିଲେ। କରୋନା ସମୟରେ ଯୁବକ ମାନେ ଜୀବନକୁ ବେଖାତରି କରି ଯେପରି ସାହାଯ୍ୟମୂଳକ କାର୍ଯ୍ୟ କରିଛନ୍ତି ତାହା ପ୍ରଂଶସନୀୟ। ସମଗ୍ର ବିଶ୍ୱର ଯୁବଶକ୍ତି ମାନଙ୍କ ଭିତରେ ଭାରତର ଯୁବଶକ୍ତି ସର୍ବାଧିକ। ଏହି ଯୁବକମାନେ ନିଜକୁ ପ୍ରତିପାଦିତ କରିପାରିଲେ ଦେଶ ବିଶ୍ୱରେ ସର୍ବଶ୍ରେଷ୍ଠ ହୋଇଯିବ ଏଥିରେ ସଂଦେହ ନାହିଁ। ଏଥିସହିତ ସେମାନେ ନେତାଜୀଙ୍କ ଦକ୍ଷ ଓ ସାହସି ହେବା ସହିତ ବିବେକାନନ୍ଦଙ୍କ ପରି ସଂସ୍କାରିକ ଓ ଉନ୍ନତ ହେବା ପାଇଁ ଉପସ୍ଥିତ ଯୁବକମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ୧୨ ଜଣ ଯୁବକ ସମ୍ମାନୀତ ହୋଇଥିଲେ। ଉକ୍ତ ସଭାରେ ରାଜ୍ୟପାଳଙ୍କ ସମେତ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଅନୁଷ୍ଠାନର ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି, ଅଧକ୍ଷ ରନ ମହାପାତ୍ର ପ୍ରମୁଖ ଯୋଦେବା ସହ ଶତାଧିକ ଯୁବକ ଉପସ୍ଥିତ ଥିଲେ।

# ସ୍ଥାୟୀ ବିକାଶପାଇଁ ସରକାର ଓ ବସ୍ତି ବାସିନ୍ଦା ମିଳିତ ଭାବରେ ଏରିଆ ପ୍ଲାନ ପ୍ରସ୍ତୁତ କରିବା ଆବଶ୍ୟକ

ଭୁବନେଶ୍ୱର,୯।୧(ପି.ଏନ):, ସହଭାଗୀ ବିକାଶ ମଞ୍ଚ, ଏକତା ପରିଷଦ, ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦ, ଅଣସଂଗଠିତ ଶ୍ରମିକ ମଞ୍ଚର ମିଳିତ ଆନୁକୂଲ୍ୟରେ ଓଡିଶା ନଗର ସମ୍ମିଳନୀ୨୦୨୪ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ସହଭାଗୀ ବିକାଶ ମଞ୍ଚର ଆବାହକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମାବେଶୀ ସହର ଓ ସ୍ଥାୟୀ ସହରୀ ଅର୍ଥନୀତି ଶୀର୍ଷକ ଆଲୋଚ୍ନାରେ ଯୋଗ ଦେଇ ପ୍ରାକ୍ତନ ମୁଖ୍ୟ ଶାସନ ସଚ୍ିବ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସର୍ବନିମ୍ନ ୬୦୦ ବର୍ଗଫୁଟ ଜମି ପ୍ରଦାନ କଲେ ବସ୍ତି ବାସିନ୍ଦା ସମ୍ମାନର ସହ ବସବାସ କରିପାରିବେ। ଏଥିପାଇଁ ସେମାନଙ୍କ ଜୀବିକା ଅନୁକୂଳ ଆଞ୍ଚଳିକ ସ୍ତରରେ ଯୋଜନା ପ୍ରସ୍ତୁତ କରିପାରିଲେ ସହରର ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ଶ୍ରୀମତୀ ନିବେଦିତା ନାୟକ ରାଜ୍ୟ ସରକାରଙ୍କର ବହୁମୁଖୀ ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଥିବାବେଳେ ବସ୍ତିବାସିନ୍ଦାଙ୍କ ସମ୍ମାନ ଓ ସୁରକ୍ଷାପାଇଁ ସରକାର ସର୍ବଦା ଜାଗ୍ରତ ଥିବାରୁ ଜାଗା ମିଶନ କାର୍ଯ୍ୟକ୍ରମରେ ଯେଉଁସବୁ ତ୍ରୁଟି ରହିଛି, ସେସବୁ ସରକାରଙ୍କ ନିକଟରେ ଉପସ୍ଥାପିତ କରିପାରିଲେ ତାହାର ସମାଧାନ ନିଶ୍ଚିତ ହେବ ବୋଲି ଆଶ୍ୱାସନା ଦେଇଥିଲେ। ବିଶିଷ୍ଟ ଭାଷାବିତ ତଥା ସମାଜସେବୀ ଡକ୍ଟର ସୁବ୍ରତ ପୃଷ୍ଟି ଭୁବନେଶ୍ୱରର ଗୌରବମୟ ଐତିହ୍ୟ ଓ ସଂସ୍କୃତିକୁ ମନେପକାଇବା ସହିତ ଖଣିଜ ସମ୍ପଦ ଭରା ଓଡିଶାରେ ବାସ କରୁଥିବା ପ୍ରତ୍ୟେକ ଓଡିଆ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ଖଣିଜ ସମ୍ପତ୍ତି ମାଲିକ ଥିଲେ ସୁଦ୍ଧା ରାଜଧାନୀର ଏକ ଷଷ୍ଠାଂଶ ପରିବାର ଭୂମିହୀନ ଭାବରେ ସହରରେ ବାସ କରିବା ଗୋଟିଏ ଶକ୍ତିଶାଳୀ ଜାତିର ଅଧଃପତନକୁ ପ୍ରମାଣିତ କରୁଛି ବୋଲି ସୂଚ୍ନା ଦେଇଥିଲେ। ଏକତା ପରିଷଦର ରାଜ୍ୟ ଆବାହକ ବିଜୟ ପ୍ରଧାନ ପ୍ରତ୍ୟେକ ଓଡିଆ ମୁଣ୍ଡ ପିଛା ୩୦୦ଘନଫୁଟ ଭୂମିର ମାଲିକ ଥିବାବେଳେ ଜାଗାମିଶନ ମାଧ୍ୟମରେ ସର୍ବନିମ୍ନ ୯ଫୁଟ ଜମି ପ୍ରଦାନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ତଥା କେତେକ ଖଳ ପ୍ରକୃତିର ଅଧିକାରିଙ୍କପାଇଁ ରାଜ୍ୟ ସରକାରଙ୍କ ଏକ ଭଲ ଯୋଜନା ବିଫଳ ହେବାକୁ ଯାଉଛି ବୋଲି କହିଥିଲେ। ଏହି ସମ୍ମିଳନୀର ବିଭିନ୍ନ ସତ୍ରରେ ସମାନୁପାତିକ ଜମି ଅଧିକାର ଓ ସ୍ଥାୟୀ ବାସଗୃହ, ଜନଭାଗିଦାରୀ ଭିତ୍ତିକ ପ୍ରଶାସନିକ ବ୍ୟବସ୍ଥା ଓ ଉତ୍ତର ଦାୟିତ୍ୱ, ବେକାରି, ଜୀବିକା, ସାମାଜିକ ସୁରକ୍ଷା, ଉପଯୁକ୍ତ ପାରିଶ୍ରମିକ ଓ ଶ୍ରମ, ନଗରଜୀବନରେ ପରିବେଶ ପରିବର୍ତ୍ତନର ପ୍ରଭାବ ଆଦି ବିଷୟ ଉପରେ ବସ୍ତି ଉନ୍ନୟନ ପରିଷଦର ସଭାପତି ରଂଜୁଲତା ମହାପାତ୍ର, ଶ୍ରମିକ ନେତା ମହେନ୍ଦ୍ର ପରିଡା, ବୀରେନ୍ଦ୍ର ଦାସ, ସଦାଶିବ ସ୍ୱାଇଁ, ପ୍ରଶାନ୍ତ କୁମାର ବେହେରା, କୃଷି ବିଭାଗର ପ୍ରାକ୍ତନ ଉପନିର୍ଦ୍ଦେଶକ ରାଇପ୍ରସାଦ ପଟ୍ଟନାୟକ, ସମାଜସେବୀ ଶର୍ମିଳା ପଟ୍ଟନାୟକ, ପରିବେଶବିତ୍ ସୁଦର୍ଶନ ଛୋଟରାୟ, ଆକ୍ସନ ଏଡର ସହ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ବିଜିଭିଏସର ଉଷାରାଣୀ ବେହେରା, ଶିକ୍ଷାବିତ ନୀରଦନାଥ ଖୁଣ୍ଟିଆ, ବେବୀ ନାୟକ, ମିନତୀ ପ୍ରହରାଜ, ନମିତା ସାହୁ, ପ୍ରଭାସିନୀ ରାଉତ, ଯୋଗେନ୍ଦ୍ର ଡାକୁଆ ପ୍ରମୁଖ ଯୋଗ ଦେଇ ନଗର ଜୀବନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ଅଯୋଧାରୁ ଆସିଥିବା ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ

ତାଳଚେର,(ପି.ଏନ): ଦୀର୍ଘ ୫୦୦ ବର୍ଷ ପରେ ଶ୍ରୀରାମ ଜନ୍ମଭୂମୀ ଅଯୋଧା ରେ ଆସନ୍ତା ଜାନୁୟାରୀ ୨୨ ତାରିଖରେ ପ୍ରଭୁ ରାମଲାଲା ଙ୍କର ପ୍ରାଣ ପ୍ରତିଷ୍ଠା ହେବ।ଏହାକୁ ନେଇ ସମଗ୍ର ଦେଶରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି।ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧା ପକ୍ଷରୁ ସମଗ୍ର ଦେଶରେ ସମସ୍ତ ଙ୍କ ଘରେ ଘରେ ଯାଇ ଅଯୋଧା ରୁ ଆସିଥିବା ଅକ୍ଷତ ,ନିମନ୍ତ୍ରଣ ପତ୍ର, ଭଗବାନ ଙ୍କ ଫୋଟ ଚ଼ିତ୍ର ବଣ୍ଟନ କରାଯାଉଛି। ତାଳଚେରରେ ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧା ପକ୍ଷରୁ ଘର ଘର ବୁଲି ନିମନ୍ତ୍ରଣ ପତ୍ର, ଅକ୍ଷତ ଓ ପ୍ରଭୁ ଶ୍ରୀରାମଙ୍କ ଫୋଟ ଚ଼ିତ୍ର ବଣ୍ଟନ କରାଯାଇଛି।ସମଗ୍ର ତାଳଚେର ରେ ସବୁ ଘରେ ନିମନ୍ତ୍ରଣ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ବଣ୍ଟନ କରାଯାଇଛି।ତାଳଚେର ପୌରାଞ୍ଚଳର ସମସ୍ତ ୱାର୍ଡ, ତାଳଚେର ବ୍ଲକ ର ସମସ୍ତ ଗ୍ରାମ,କଣିହାଁ ବ୍ଲକ ର ସମସ୍ତ ଗ୍ରାମରେ ଅକ୍ଷତ ଶୋଭାଯାତ୍ରା ବାହାରି ନିମନ୍ତ୍ରଣ ପତ୍ର ବଣ୍ଟନ ଚ଼ାଲୁ ରହିଛି।ଜାନୁୟାରୀ ୧୫ ତାରିଖ ମଧରେ ସମଗ୍ର



ତାଳଚେର ଅଂଚ଼ଳ ର ସବୁ ଘରେ ନିମନ୍ତ୍ରଣ ପହଞ୍ଚାଯିବ ବୋଲି ପ୍ରକାଶ।ତାଳଚେର ନଗର ରେ ୱାର୍ଡ,୧, ୨, ୩, ୪, ୧୮, ୧୯, ୨୦,୨୧,୧୩ ରେ ଏହି ବିତରଣ ଚ଼ାଲୁ ରହିଛି।ଅନ୍ୟ ସମସ୍ତ ୱାର୍ଡ ରେ ଦୁଇଦିନ ମଧରେ ଘରେ ଘରେ ଅକ୍ଷତ ସହ ନିମନ୍ତ୍ରଣ ପତ୍ର ପହଞ୍ଚାଯିବ ବୋଲି ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧା ତାଳଚେର ସହ ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ସଂଘ ର ବିଭିଧ କ୍ଷେତ୍ରର କାର୍ଯ୍ୟକର୍ତା ,ସମସ୍ତ ରାମଭକ୍ତ, ବିଶିଷ୍ଟ ବ୍ୟକ୍ତି, ସଂକୀର୍ତ୍ତନ ମଣ୍ଡଳୀ, ଧର୍ମାନୁଷ୍ଠାନ ସାମିଲ ହୋଇ ପ୍ରଭୁ ଶ୍ରୀରାମ ଙ୍କ କାର୍ଯ୍ୟ ରେ ଭବ୍ୟ ପରିବେଶ ମଧରେ ଅକ୍ଷତ ବଣ୍ଟନ କରୁଛନ୍ତି।ଅକ୍ଷତ ବିତରଣ ସମୟରେ ପ୍ରଭୁ ଶ୍ରୀରାମ ଚ଼ନ୍ଦ୍ର ଙ୍କର ମନ୍ଦିର ର ପ୍ରତିଷ୍ଠା ପ୍ରତି ସମସ୍ତ ଜନସାଧାରଣ ଙ୍କର ଅଭୂତପୂର୍ବ ଆସ୍ଥା ପ୍ରକଟ ହେବାର ଦେଖା ଯାଉଛି।ରାମଭକ୍ତ ପର୍ଶୁରାମ ବାରିକ, ମାୟାଧର ସାହୁ,ଅନିତା ବିଶ୍ୱାଳ, କବିତା ବେହେରା, କାଳନ୍ଦି ପ୍ରଧାନ,ନିରୋଜ ଦାସ, ଜ୍ଞାନେନ୍ଦ୍ରିୟ ସେଠି, ସୁକାନ୍ତ ରାୟ,ମନୋଜ ସ୍ୱାଇଁ, ଦିପ୍ତୀପ୍ରଭା ମହାରଣା, ଦିଗଲ ମିଶ୍ର, ମୁନା ମିଶ୍ର, ପୂର୍ଣ୍ଣଚ଼ନ୍ଦ୍ର ବେହେରା, ଅରବିନ୍ଦ ମିଶ୍ର, ସୁନୀଲ ମହାପାତ୍ର, ଝରଣା ମହାପାତ୍ର, ସୁଫଳା ପୃଷ୍ଟି,ବନିତା ସାହୁ,ଜଗଦିଶ୍ୱର ସାହୁ, ପ୍ରଦୀପ ଶତପଥୀ, ବିଦ୍ୟାଧର ସାହୁ ଙ୍କ ସମେତ ସମସ୍ତ ୱାର୍ଡ ଓ ଗ୍ରାମରେ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଛନ୍ତି।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray